## ସଂକ୍ଷେପରେ

### ଭାନୁପୁରରେ ବାସନ୍ତୀ ଦୁର୍ଗା ପୂଜା

ବାଲିଆପାଳ,୨୯।୩(ରାଜଶ୍ରୀ ପାଣିଗ୍ରାହୀ): ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର ଭାନୁପୁର ବାସନ୍ତୀ ମାତା ପଡ଼ିଆରେ ମା' ବାସନ୍ତୀ ଦୁର୍ଗାଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଗତ ୨୫ ତାରିଖଠାରୁ ୨୮ ତାରିଖ ପର୍ଯ୍ୟନ୍ତ ବହୁ ଧୁମ୍‌ଧାମ୍‌ରେ ମା'ଙ୍କ ପୂଜା ହୋଇଥିଲା। ବିଜୟୀ ଦଶମୀ ଦିନ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ଆସନ୍ତା ଏପ୍ରିଲ ୪ ପର୍ଯ୍ୟନ୍ତ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ବାଳିକାମାନଙ୍କ ଦ୍ୱାରା କବାଡ଼ି ପ୍ରତିଯୋଗିତା, ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଭାନୁପୁର ଗ୍ରାମବାସୀଙ୍କ ସହାୟତାରେ ୪ବର୍ଷ ଧରି ପୂଜା ଅନୁଷ୍ଠିତ ହୋଇଆସୁଛି। ପୂଜା କମିଟିର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।

### ପୋଡ଼ିହୋଇ ଦମ୍ପତି ଗୁରୁତର

ଖଇରା,୨୯।୩(ଉତ୍କଳବନ୍ଧୁ ପଣ୍ଡା)– ବାଲେଶ୍ୱର ଜିଲା ଖଇରା ଥାନା ରଟିଣା ଗ୍ରାମ ପଞ୍ଚାୟତ ଅଧୀନ ତୁମ୍ବାପଦୀ ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ରକରି ନିଆଁରେ ପୋଡ଼ି ହୋଇ ଦମ୍ପତି ଗୁରୁତର ହୋଇଛନ୍ତି। ପ୍ରଥମେ ସ୍ତ୍ରୀ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରି ୯୦ ଭାଗ ପୋଡ଼ି ହୋଇଯିବା ପରେ ତାଙ୍କୁ ରକ୍ଷା କରିବାକୁ ଯାଇ ସ୍ୱାମୀ ମଧ୍ୟ ଗୁରୁତର ହୋଇଛନ୍ତି ।

ସୂଚନା ଅନୁଯାୟୀ, ଚିତ୍ତରଞ୍ଜନ ବାରିକ ଓ ତାଙ୍କ ସ୍ତ୍ରୀ ସୁକାନ୍ତିଙ୍କ ମଧ୍ୟରେ କୌଣସି କାରଣକୁ ନେଇ ରବିବାର ଝଗଡ଼ା ଲାଗିଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ପ୍ରଥମେ ସୁକାନ୍ତି ପିନ୍ଧାଶାଢ଼ିରେ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଚିତ୍କାର ଶୁଣି ଚିତ୍ତରଞ୍ଜନ ତାଙ୍କୁ ରକ୍ଷା କରିବାକୁ ଚେଷ୍ଟା କରିଥିବାବେଳେ ନିଆଁରେ ପୋଡ଼ି ଗୁରୁତର ହୋଇଥିଲେ। ଚିତ୍ତରଞ୍ଜନ ଭଦ୍ରକ ମେଡିକାଲ ଓ ସୁକାନ୍ତି କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି।

### ମୁଖ୍ୟ ଅଭିଯୁକ୍ତଙ୍କ ଗିରଫ ଦାବି କଲେ ପରିବାର ଲୋକେ

#### ତାଳକୁରୁଣିଆଁ ଗ୍ରାମ ଜୀବନଜ୍ୟୋତି ମହାରଣାଙ୍କ ହତ୍ୟା ଘଟଣା

ବାହାନଗା,୨୯।୩(ଅରୂପ କୁମାର ଦାସ)– ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ଥାନା ଅଧୀନ ତାଳକୁରୁଣିଆଁ ଗ୍ରାମର ଜୀବନଜ୍ୟୋତି ମହାରଣାଙ୍କ ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରୁ ନ ଥିବାରୁ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ରବିବାର ଏକ ଖବରଦାତା ସମ୍ମିଳନୀରେ ମୃତକଙ୍କ ମା' ଶୁଭଲକ୍ଷ୍ମୀ ନ୍ୟାୟ ଦାବି କରିବା ସହ ତୁରନ୍ତ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଦାବି କରିଛନ୍ତି।

ଗତ ଡିସେମ୍ବର ୧୪ ତାରିଖରେ ଜୀବନଜ୍ୟୋତିଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିବାବେଳେ ଅଦ୍ୟାବଧି ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇ ନ ଥିବାରୁ ପରିବାର ସଦସ୍ୟମାନେ ଅସୁରକ୍ଷିତ ମନେ କରୁଥିବା କହିଛନ୍ତି। ଖବରଦାତା ସମ୍ମିଳନୀରେ ମନୋରଞ୍ଜନ ଜେନା, ପୂର୍ବତନ ସମିତିସଭ୍ୟ ସୁଧାକର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ନେତାଙ୍କ ଇଙ୍ଗିତରେ କାମ ବିକ୍ରି

■ଖଇରା ଗ୍ରାମ୍ୟ ଉନ୍ନୟନ ବିଭାଗରେ ଅନିୟମିତତା
■୫ ଲକ୍ଷ ଟଙ୍କାର କାର୍ଯ୍ୟ ପାଇଁ ଆଦାୟ ହେଉଛି ୫୦ ହଜାର

ଖଇରା,୨୯।୩(ଉତ୍କଳବନ୍ଧୁ ପଣ୍ଡା)


ପତିରାଜପୁର–ସାରଡାଙ୍ଗ ରାସ୍ତା ଛାଞ୍ଚୁଣିଆ ପୋଲ ନିକଟରେ ରାସ୍ତା ଦବି ଯାଇଛି ।

ବାଲେଶ୍ୱର ଜିଲା ଖଇରା ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗରେ ନିର୍ବାଚନ ମଣ୍ଡଳୀସ୍ତରୀୟ ନେତାଙ୍କ ଇଙ୍ଗିତରେ କାମ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି। ପ୍ରତ୍ୟେକ ୫ଲକ୍ଷର କାର୍ଯ୍ୟ ପାଇଁ ୫୦ହଜାର ଟଙ୍କା ଆଦାୟ କରାଯାଉଥିବାରୁ କାମର ମାନ ମଧ୍ୟ ଠିକ୍ ରହୁନାହିଁ। ପୂର୍ବରୁ ସୋର–କୁପାରୀ ରାସ୍ତା ଏବଂ ଏବେ ବର୍ତ୍ତନା–ଓସ୍ତପାଳ ରାସ୍ତା ମରାମତି ନାମରେ ୫ ଲକ୍ଷ ଟଙ୍କାର କାମରେ ଦୁର୍ନୀତି ଅଭିଯୋଗ ହୋଇଥିଲା। ଏବେ ଗ୍ରାମ୍ୟଉନ୍ନୟନ ବିଭାଗରେ କାର୍ଯ୍ୟ ଆବଣ୍ଟନ ମାଧ୍ୟମରେ ୨୦ଲକ୍ଷ ଟଙ୍କାର ସମାନ ଧରଣର ଦୁର୍ନୀତି ହୋଇଥିବା ଶ୍ୟାମସୁନ୍ଦରପୁର ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ରବିନ୍ଦ୍ର ମହାନ୍ତି ଅଭିଯୋଗ କରିଛନ୍ତି।

ଚଳିତ ବର୍ଷ ଗ୍ରାମ୍ୟଉନ୍ନୟନ ବିଭାଗ ଅଧୀନ ବିଭିନ୍ନ ରାସ୍ତାର ମରାମତି ନାମରେ ନେତାଙ୍କ ମାଧ୍ୟମରେ ସିମୁଳିଆ ନିର୍ବାଚନ ମଣ୍ଡଳୀରେ ୨ କୋଟି ମୂଲ୍ୟର ୪୦ଟି ପ୍ରକଳ୍ପ ଚିଠା ଅନୁମୋଦନ ପାଇଁ ଦିଆଯାଇଥିଲା। ଟେଣ୍ଡରକୁ ନ ଦେବା ପାଇଁ ପ୍ରତ୍ୟେକ ପ୍ରକଳ୍ପର ମୂଲ୍ୟ ୫ଲକ୍ଷ ରଖାଯାଇଥିଲା। ମାର୍ଚ୍ଚ ମାସ ଆରମ୍ଭରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଶାସକ ଦଳର କେତେଜଣ ନେତାଙ୍କ ସୁପାରିଶରେ ୪୦ ଜଣଙ୍କୁ ଏହି ୨କୋଟି ଟଙ୍କାର କାମ ପ୍ରଦାନ କରାଯାଇଛି। ପ୍ରତ୍ୟେକ କାର୍ଯ୍ୟଗ୍ରାହୀ ବା ଠିକାଦାରଙ୍କ ନିକଟରୁ ୫୦ହଜାର କରି ଆଦାୟ କରାଯାଇଛି। ଏବେ ମାର୍ଚ୍ଚ ୩୧ପୂର୍ବରୁ ଏହି କାର୍ଯ୍ୟ ବାବଦରେ ବିଲ୍ ଉଠାଇବା ପାଇଁ ଉଦ୍ୟମ ଚାଲିଥିବା ବେଳେ ଯୁଦ୍ଧକାଳୀନ ଭିତ୍ତିରେ ମନଇଚ୍ଛା କାମ କରାଯାଉଛି । ଅଧିକାଂଶ କାର୍ଯ୍ୟକୁ ଲକ୍ଷ୍ୟ କଲେ କେଉଁଠି ପେଭର ବ୍ଲକ ଉଠିଯାଉଥିବା ବେଳେ ଆଉ କେଉଁଠି ୨ ପାଖ ସିମେଣ୍ଟ ପାଚେରୀ ଭାଙ୍ଗିଗଲାଣି ଏବଂ ମରାମତିରୁ ପିଚୁ ଉଠିଗଲାଣି । ଆଉ କିଛି ଜାଗାରେ ରାସ୍ତାର ଲମ୍ବ, ଓସାର ଓ ମୋଟେଇ ମଧ୍ୟ ଏଷ୍ଟିମେଟ ଅନୁଯାୟୀ କରାଯାଉ ନାହିଁ। ବିସ୍ମୟର କଥା ଟଙ୍କା ଦେଇ କାମ ଆଣିଥିବା କେତେଜଣ ଠିକାଦାର ନିଜେ କାମ କରିବା ବଦଳରେ ସେମାନେ ମଧ୍ୟ ୨୦ରୁ ୩୦ହଜାର ଅର୍ଥନେଇ ବିକ୍ରି କରୁଥିବାରୁ ଖଇରା ବ୍ଲକ ଏବଂ ସିମୁଳିଆ ନିର୍ବାଚନ ମଣ୍ଡଳୀରେ ଦୁର୍ନୀତି ସୀମା ଲଂଘିଛି ବୋଲି ପୂର୍ବତନ ସମିତି ସଭ୍ୟ ମହାନ୍ତି କହିଛନ୍ତି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର ସାହୁଙ୍କୁ ପଚାରିବାରୁ ଏଭଳି ସମସ୍ତ ରାସ୍ତାକାମର ଯାଞ୍ଚ କରିବେ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଏହା ପୂର୍ବରୁ ସୋର–କୁପାରୀ ରାସ୍ତାରେ ମଧ୍ୟ ମରାମତି ପାଇଁ ପୂର୍ତ୍ତ ବିଭାଗ ତରଫରୁ ୨୦ଜଣଙ୍କୁ ୫ଲକ୍ଷ କରି ଅର୍ଥ ପ୍ରଦାନ ନାମରେ ବ୍ୟାପକ ଅର୍ଥ ହରିଲୁଟ କରାଯାଇଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଶାସକ ଦଳର ଅନେକ ନେତା ଏଥିରେ ଜଡିତ ଥିବାରୁ ଏହାକୁ ଚପାଇ ଦିଆଯାଇଥିଲା ।

## ମନୋଜ ସଭାପତି, ପୁଣି ସମ୍ମିତ ସମ୍ପାଦକ

### ବାଲେଶ୍ୱର ବାର୍ ଆସୋସିଏଶନ ନିର୍ବାଚନ


ମନୋଜ କୁମାର ନାୟକ।


ସମ୍ମିତ କୁମାର ନନ୍ଦୀ।

ବାଲେଶ୍ୱର,୨୯।୩(ବାଞ୍ଛାନିଧି ଦେ)

ବାଲେଶ୍ୱର ବାର୍ ଆସୋସିଏଶନ ନିର୍ବାଚନ ଶନିବାର ଶେଷ ହୋଇଛି। ବିଳମ୍ବିତ ରାତିରେ ଫଳାଫଳ ପ୍ରକାଶ ପାଇଥିଲା। ସଭାପତି ଭାବେ ମନୋଜ କୁମାର ନାୟକ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରଘୁନାଥ ପ୍ରଧାନଙ୍କୁ ୧୪୧ ଖଣ୍ଡ ଭୋଟ୍‌ରେ ହରାଇ ନିର୍ବାଚିତ ହୋଇଛନ୍ତି। ମନୋଜ ୬୫୮ ଭୋଟ ପାଇଥିବା ବେଳେ ରଘୁନାଥଙ୍କୁ ୫୧୭ ଭୋଟ୍ ମିଳିଥିଲା। ସେହିପରି ସମ୍ପାଦକ ଭାବେ ପୁଣି ସମ୍ମିତ କୁମାର ନନ୍ଦୀ ୮ମ ଥର ପାଇଁ ବିଜୟଲାଭ କରିଛନ୍ତି। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଦୀପକ କୁମାର ଦାଶଙ୍କୁ ୩୮ ଖଣ୍ଡ ଭୋଟ୍‌ରେ ହରାଇଛନ୍ତି। ସମ୍ମିତ ୬୧୫ ଭୋଟ୍ ପାଇଥିବା ବେଳେ ଦୀପକଙ୍କୁ ୫୭୭ ଭୋଟ୍ ମିଳିଥିଲା। ଉପସଭାପତି ଭାବେ ଏଥର ମଧ୍ୟ ରଣଜିତ୍ ପଣ୍ଡା, ସହସମ୍ପାଦକ ଜିତେନ୍ଦ୍ର କୁମାର ଉପାଧ୍ୟାୟ ଓ ସୌରୀ ଶଙ୍କର ପରିଡ଼ା ଓ କୋଷାଧ୍ୟକ୍ଷ ଶିବ ଶଙ୍କର ପଣ୍ଡା ନିର୍ବାଚିତ ହୋଇଛନ୍ତି। ସହ କୋଷାଧ୍ୟକ୍ଷ ଭାବେ ବାସନ୍ତୀ ସାହୁ ପୂର୍ବରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସେହିପରି ୧୨ଜଣ ଏକ୍‌ଜିକ୍ୟୁଟିଭ୍ ମେମ୍ବର ଭାବେ ନିର୍ବାଚିତ ହୋଇଛନ୍ତି। ଫଳାଫଳ ଘୋଷଣା ପରେ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଆଇନଜୀବୀମାନେ ଶୁଭେଚ୍ଛା ଜଣାଇବା ସହ ବିଜୟ ଉତ୍ସବ ପାଳନ କରିଥିଲେ। ନିର୍ବାଚନରେ ୧୮ ପଦବୀ ପାଇଁ ୩୫ ପ୍ରାର୍ଥୀ ନିର୍ବାଚନ ଲଢୁଥିଲେ। ମୋଟ ୧୩୯୧ ଭୋଟରଙ୍କ ମଧ୍ୟରୁ ୧୨୦୩ ଜଣ ମତଦାନ କରିଥିଲେ। ଯାହାକି ୮୬.୪୮% ମତଦାନ ହୋଇଥିଲା। ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବୀ କାର୍ତ୍ତିକ ପ୍ରସାଦ ସିଂଙ୍କ ତତ୍ତ୍ୱାବଧାନରେ ନିର୍ବାଚନ ପରିଚାଳିତ ହୋଇଥିଲା।

# ଭୂତଳ ଜଳସ୍ତର ବୃଦ୍ଧି ଦିଗରେ ଗୁରୁତ୍ୱ



ସଚେତନତା କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ର ଓ ମୁନ୍ କମ୍ୟୁନିକେଶନ ସଂଗଠନର କର୍ମକର୍ତ୍ତା।

ବାଲେଶ୍ୱର,୨୯।୩(ବାଞ୍ଛାନିଧି ଦେ)

**ବର୍ଷା ଜଳ ସଞ୍ଚୟ ସମ୍ପର୍କିତ ସଚେତନତା**

ବାଲେଶ୍ୱରର ମୁନ୍ କମ୍ୟୁନିକେଶନ ସଂଗଠନ ପକ୍ଷରୁ ରବିବାର ରଣସାହି ୟୁନିଅନ ସରକାରୀ ଉଚ୍ଚ ଇଂରାଜୀ ବିଦ୍ୟାଳୟ ପରିସରରେ ବର୍ଷାଜଳ ସଞ୍ଚୟ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସମ୍ପାଦକ ଅବନୀ କୁମାର ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସ ଯୋଗଦେଇ କହିଥିଲେ, ଭୂତଳ ଜଳସ୍ତର ବୃଦ୍ଧି ପାଇଁ ବର୍ଷାଜଳ ସଞ୍ଚୟ ଏକମାତ୍ର ମାଧ୍ୟମ। ଏଥିପାଇଁ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ଆବଶ୍ୟକ। ସମ୍ମାନିତ ଅତିଥି ଭାବେ ଶିକ୍ଷକ ସୁଦାମ ବେହେରା ଓ ଶିକ୍ଷୟିତ୍ରୀ ସବିତା ନାୟକ ଯୋଗଦେଇ ଜଙ୍ଗଲ କ୍ଷୟ, ରାସ୍ତାଘାଟ କଂକ୍ରିଟ୍ ନିର୍ମାଣ ଯୋଗୁ ଦିନକୁ ଦିନ ଭୂତଳ ଜଳସ୍ତର ହ୍ରାସ ପାଉଛି ବୋଲି କହିଥିଲେ। ଜଳସ୍ତର ବୃଦ୍ଧି ପାଇଁ ବର୍ଷାଜଳ ସଞ୍ଚୟର ବିଭିନ୍ନ ଉପାୟ ସମ୍ପର୍କରେ ସେମାନେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜଳ ସଞ୍ଚୟ ନିମନ୍ତେ ଶପଥପାଠ କରାଯାଇଥିଲା। ପଙ୍କଜିନୀ ଦାସ, ଦିବ୍ୟାଶା ଜେନା, ଲିପି ମଲିକ, ସୁବାସିନୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୪୦ ୟୁନିଟ୍ ରକ୍ତ ସଂଗୃହୀତ

ବାଲେଶ୍ୱର,୨୯।୩(ମୃତ୍ୟୁଞ୍ଜୟ ପଟ୍ଟନାୟକ): ବାଲେଶ୍ୱର ଜିଲା ମୁଖ୍ୟ ଡାକ୍ତରଖାନା ପରିସର ରକ୍ତଭଣ୍ଡାରରେ ରବିବାର ସକାଳ ୯ଟାରେ ୱେଲ୍‌ନେସ ଅନ୍ ହୁଇଲ ସଂଗଠନ ଆନୁକୂଲ୍ୟରେ ଚଳିତବର୍ଷର ୬ଷ୍ଠ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଂଯୋଜକ ସଲିମ ରାଜାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବରରେ ମୋଟ ୪୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ସଦସ୍ୟ ଅଜିତ ବାସ୍କେ, ଆଲୋକ ଦାସ ପଟ୍ଟନାୟକ, ସତ୍ୟେନ୍ଦ୍ର ଦାସ, ମହମ୍ମଦ ସାଗୀର, ଓମ୍ ପ୍ରକାଶ ସାହୁ ପ୍ରମୁଖ ସହଯୋଗ କରିଥିଲେ। । ରକ୍ତଭଣ୍ଡାର ପାଇଁ ଗ୍ରୀଷ୍ମଋତୁରେ ରକ୍ତର ଚାହିଦା ଅଧିକ ରହିଥିବା ଯୋଗୁ ସଂଗଠନ ପକ୍ଷରୁ ରକ୍ତ ସଂଗ୍ରହ କରିବା ଲାଗି ଆସନ୍ତା ଏପ୍ରିଲଠାରୁ ୩ଥର ରକ୍ତଦାନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ସଂଯୋଜକ ସଲିମ ରାଜା କହିଥିଲେ।

## ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନା ଘେରାଉ


ରାଇବଣିଆ ଥାନା ସମ୍ମୁଖରେ ଧାରଣା।

ଜଳେଶ୍ୱର,୨୯।୩(ନବୀନ ସାହୁ)

**ରାମ ନବମୀ ପାଳନକୁ କେନ୍ଦ୍ର କରି ଆକ୍ରମଣ ଘଟଣା**

ରାମ ନବମୀ ପାଳନକୁ କେନ୍ଦ୍ର କରି ଉପୁଜିଥିବା ବିବାଦ ଓ ପରବର୍ତ୍ତୀ ଆକ୍ରମଣ ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରବିବାର ରାଇବଣିଆ ଥାନା ସମ୍ମୁଖରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦୀର୍ଘ ସମୟ ଧରି ଥାନା ଘେରାଉ ଓ ଧାରଣା ପରେ ପୋଲିସ ପ୍ରଶାସନର ହସ୍ତକ୍ଷେପ ଫଳରେ ସ୍ଥିତି ସ୍ୱାଭାବିକ ହୋଇଛି।

ସୂଚନା ଅନୁସାରେ, ଗତ ୨୨ ତାରିଖ ବିଳମ୍ବିତ ରାତିରେ ରାମ ନବମୀ ପାଳନକୁ ନେଇ ଏକ ହ୍ୱାଟସଆପ୍ ଗ୍ରୁପ୍‌ରେ କଥା କଟାକଟି ହୋଇଥିଲା। ଏହି ଘଟଣାକୁ କେନ୍ଦ୍ର କରି ରାଇବଣିଆ ମଣ୍ଡଳ ସଭାପତି ସଞ୍ଜୀବ ଜେନାଙ୍କ ବାସଭବନ ଉପରକୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ରାଇବଣିଆ ଥାନାରେ ଉଭୟ ପକ୍ଷରୁ ଦୁଇଟି ମାମଲା (ନଂ. ୪୨।୨୬ ଓ ୪୩।୨୬) ରୁଜୁ କରାଯାଇ ପୋଲିସ ତଦନ୍ତ ଚଳାଇଥିଲା। ଭାଜପାର ଆନ୍ଦୋଳନ ଅଭିଯୋଗ ହେବାର ୮ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଏନେଇ ରବିବାର ଅପରାହ୍ଣ ୧ଟା ସମୟରେ ବରିଷ୍ଠ ଭାଜପା ନେତା ବ୍ରଜମୋହନ ପ୍ରଧାନଙ୍କ ନେତୃତ୍ୱରେ ସର୍ଦ୍ଦାରବନ୍ଧ ପଞ୍ଚାୟତ ସଦସ୍ୟ ଗଣେଶ ସୋରେନ୍, ତରୁଣ ପଟ୍ଟନାୟକ, କାଳିଚରଣ ଦାସ ପ୍ରମୁଖ ଶତାଧିକ କର୍ମୀ ଥାନା ଘେରାଉ କରିଥିଲେ। ଆନ୍ଦୋଳନ ସମୟରେ ରାଇବଣିଆ ଥାନା ଆଇଆଇସି ଚମ୍ପାବତି ସୋରେନ୍ ବିକ୍ଷୋଭକାରୀଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ଅପରାହ୍ଣ ୪ଟାରେ ଜଳେଶ୍ୱର ଏସ୍‌ଡିପିଓ ସୁବ୍ରତ କୁମାର ବେହେରା ଏବଂ ଜଳେଶ୍ୱର ଆଇଆଇସି ଅଶୋକ ବାରିକ ଘଟଣାସ୍ଥଳରେ ପହଞ୍ଚିଥିଲେ। ତଦନ୍ତ ଭାର ଏସ୍‌ଡିପିଓ ନିଜେ ଗ୍ରହଣ କରିଛନ୍ତି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଘଟଣା ସମ୍ପର୍କରେ ପୋଲିସ ଅଲଗା ୨ ଜଣଙ୍କୁ ଅପରାହ୍ଣରେ ଉଠାଇ ଆଣି ପଚରାଉଚରା ପାଇଁ ଅଟକ ରଖିଛି। ଏହି ପ୍ରତିଶ୍ରୁତି ମିଳିବା ପରେ ସନ୍ଧ୍ୟା ୬ଟା ସମୟରେ ଭାଜପା କର୍ମୀମାନେ ଧାରଣା ପ୍ରତ୍ୟାହାର କରିଥିଲେ।

# ବାପାଙ୍କ ମୃତ୍ୟୁ: ବେସାହାରା ୨ ପୁଅ

ନୀଳଗିରି,୨୯।୩(ପ୍ରଶାନ୍ତ ବିଶ୍ୱାଳ)


ମା'ଙ୍କ ସହ ଦୁଇ ନାବାଳକ ପୁଅ।

**ପରିବାର ଚଳାଇବାକୁ ମା'ଙ୍କ ଭିକ୍ଷାବୃତ୍ତି**

କଥାରେ ଅଛି ବାପ ଥିଲେ ପୁଅ ସଭାରେ ହାରେନା। ପିଲାମାନଙ୍କର ମେରୁଦଣ୍ଡ ହେଉଛନ୍ତି ବାପା। ବାପା ଦୁନିଆ ଛାଡ଼ି ଚାଲିଗଲା ପରେ ଅନାଥ ହୋଇ ପଡ଼ନ୍ତି ପିଲାମାନେ। ଶତ୍ରୁ ହୋଇଯାଆନ୍ତି ରକ୍ତର ସମ୍ପର୍କୀୟ ମାନେ। ଶେଷରେ ଅନାଥ ବାପ ଛେଉଣ୍ଡ ପିଲାମାନେ ପେଟକୁ ମୁଠାଏ ଖାଇବା ପାଇଁ ଭିକ୍ଷା ବୃତ୍ତିକୁ ଆପଣାଇ ନିଏ ବିଧବା ମାଆ। ଏପରି ଏକ ଘଟଣା ନୀଳଗିରି ଏନ୍‌ଏସିର ୧୨ନଂ. ୱାର୍ଡ଼ ରାଇଗାଁର ରାଜେନ୍ଦ୍ର ପରିଡ଼ାଙ୍କ ପରିବାରରେ ଦେଖିବାକୁ ମିଳିଛି।

ରାଜେନ୍ଦ୍ର ରାଜମିସ୍ତ୍ରୀ ଭାବେ କାମ କରି ପରିବାରକୁ ଭରଣ ପୋଷଣ କରି ଆସୁଥିଲେ। ଘରେ ବଡ଼ ପୁଅ ମାନସ (୧୦) ଓ ସାନ ପୁଅ ମନୋଜ (୪) ଥିବାବେଳେ ଆଜକୁ ପ୍ରାୟ ୬ମାସ ପୂର୍ବରୁ ରାଜେନ୍ଦ୍ରର ଶେରଗଡ଼ ନିକଟରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ସେ ସମୟରେ ମାଗି ଯାଚି ଶୁଦ୍ଧିକ୍ରିୟା ହୋଇଥିଲେ। ଏବେ ବିଧବା ସ୍ତ୍ରୀଟି ଦୁଇ ପିଲାଙ୍କୁ ଠିକ୍ ଭାବେ ଖାଇବାକୁ ଦେଇ ପାରୁ ନ ଥିବା ବେଳେ ଶେଷରେ ଭିକ୍ଷା ବୃତ୍ତିକୁ ଆପଣାଇ ନେଇଛନ୍ତି। ନୀଳଗିରିସହରରେ ଦୁଇ ପିଲାଙ୍କୁ ଧରି ଦୋକାନ ଦୋକାନ ବୁଲି ମଗୁଥିବାର ଦେଖିବାକୁ ମିଳିଛି। ବଡ଼ ପୁଅ ବିମ୍ବୁରିଆ ସ୍କୁଲରେ ପଞ୍ଚମ ଶ୍ରେଣୀରେ ପଢୁଥିବା ବେଳେ ଏବେ ପଢାରେ ଡୋରି ବନ୍ଧା ହୋଇ ପାରେ ବୋଲି ମା' ସୁମତି ପରିଡ଼ା ଛଳ ଛଳ ଆଖିରେ ନିଜର ଦୁଃଖଭରା କାହାଣୀ ପ୍ରକାଶ କରିବା ସହ ପଇସା କେଉଁଠୁ ପାଇବି ପୁଅକୁ ପାଠ ପଢ଼ାଇବି। ସବୁ ସେହି ଭଗବାନଙ୍କ ହାତରେ। ଯାହାବି ଜମିବାଡ଼ି ଅଛି ମୋତେ କିଛି ବି ଦେଉ ନାହାନ୍ତି। ବଡ଼କଷ୍ଟରେ ଦୁଇ ପୁଅଙ୍କୁ ଚଳାଉଛି ବୋଲି ପ୍ରକାଶ କରିଛନ୍ତି। ନା ଅଛି ଆବାସ ଗୃହ ନା ମିଳୁଛି ଭତ୍ତା। ଭତ୍ତା ପାଇଁ ଏ ଅଫିସ୍‌ରୁ ସେ ଅଫିସ୍ ଯାଇ ଯାଇ ନୟାନ୍ତ ହୋଇ ପଡ଼ିଛନ୍ତି। ରାସନ କାର୍ଡ଼ ପାଇଁ ଦୌଡ଼ି ନୟାନ୍ତ ହୋଇ ପଡ଼ିଥିବା ବେଳେ କେବେ ବିଧବା ମହିଳାଙ୍କୁ ରାସନ୍ କାର୍ଡ଼ ମିଳିବ। କି ପଦକ୍ଷେପ ନେବେ ନିର୍ବାହୀ ଅଧିକାରୀ ତାହା ଦେଖିବାକୁ ବାକି ରହିଲା।

## ଲଘୁ ଖଣିଜ ବିଭାଗ, ପୋଲିସ ପକ୍ଷରୁ ଚଢ଼ାଉ

### ଗୋଟିଏ ହାଇୱା, ଟ୍ରାକ୍ଟର ଜବତ

ବାଲିଆପାଳ,୨୯।୩(ଗୋପାଳ ଚନ୍ଦ୍ର ସାହୁ): ବାଲେଶ୍ୱର ଜିଲା ବାଲିଆପାଳ ଥାନା ପୋଲିସ ଓ ଲଘୁ ଖଣିଜ ବିଭାଗ ପକ୍ଷରୁ ଶନିବାର ରାତିରେ ବାଲିଆପାଳ ତହସିଲ ଅଧୀନ ସୁବର୍ଣ୍ଣରେଖା ନଦୀ ଅବବାହିକା ଛୋଟଖାନପୁର, ଚଡ଼ବଡ଼ାପାଳ ସୀମାରେ ଥିବା ବେଆଇନ ବାଲି ଖାଦାନ ଉପରେ ମିଳିତ ଚଢ଼ାଉ କରାଯାଇଛି। ଚଢ଼ାଉ ବେଳେ ଗୋଟିଏ ହାଇୱା ଓ ଗୋଟିଏ ଟ୍ରାକ୍ଟର ଜବତ କରାଯାଇଥିବା ବେଳେ ବାଲି ବୋଝେଇ ପାଇଁ ବ୍ୟବହାର ହେଉଥିବା ଜେସିବିକୁ ଡ୍ରାଇଭର ନେଇ ଚମ୍ପଟ ମାରିଛନ୍ତି। ସେହିପରି ହାଇୱା ଓ ଟ୍ରାକ୍ଟର ଡ୍ରାଇଭର ଘଟଣାସ୍ଥଳରୁ ଖସି ପଳାଇଛନ୍ତି।

ସୂଚନା ଅନୁଯାୟୀ, ଛୋଟଖାନପୁର, ଚଡ଼ବଡ଼ାପାଳ ଓ ବୁନ୍ଦା କୋଠା ଅଞ୍ଚଳରେ ବାଲି ଚାଲାଣକାରୀମାନେ ଦୈନିକ ଶତାଧିକ ଟ୍ରିପ୍ ବାଲି ଉଠାଇ ସ୍ଥାନୀୟ ଅଞ୍ଚଳ ସହ ପଡ଼ୋଶୀ ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରୁଛନ୍ତି। ଏନେଇ ଅଭିଯୋଗ ହୋଇଆସୁଥିଲେ ମଧ୍ୟ ଏଥିରେ ପ୍ରଶାସନ ରୋକ୍ ଲଗାଇପାରୁ ନାହିଁ।

# ସମବାୟ ସମିତିର ବାର୍ଷିକ ସାଧାରଣ ସଭା

ବାଲିଆପାଳ,୨୯।୩(ରାଜଶ୍ରୀ ପାଣିଗ୍ରାହୀ)



ସଭାରେ ଉପସ୍ଥିତ ସମିତିର କର୍ମକର୍ତ୍ତା।

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ପ୍ରତାପପୁର ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା ରବିବାର କାଳିଆଖିଆସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ହାଡ଼ିବନ୍ଧୁ ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ସମିତ କୁମାର ରାଉତ ସମିତିର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଓଡ଼ିଶା ସରକାରଙ୍କ ପଞ୍ଚାୟତସ୍ତରୀୟ ସମବାୟ ବ୍ୟାଙ୍କ ସେବା, କୃଷି ଋଣ, ଯୁଗ୍ମ ଦେୟ ଗୋଷ୍ଠୀ, ସହାୟକ ଗୋଷ୍ଠୀ ଜରିଆରେ ଭୂମିହୀନ ଚାଷୀମାନଙ୍କୁ ବିନା ସୁଧରେ କୃଷି ଋଣ ସେବା ସମବାୟ ସମିତିରୁ ଯୋଗାଇ ଦିଆଯିବାର ସୁବିଧା ଏବଂ ସହାୟକ ଗୋଷ୍ଠୀ ଋଣ କର୍ମଶାଳା ଅନ୍ତର୍ଭୁକ୍ତ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା। ବିଭିନ୍ନ ପଞ୍ଚାୟତରୁ ଆସିଥିବା ଚାଷୀ ଉପସ୍ଥିତ ପରିଚାଳକଙ୍କୁ କଟ୍‌ନି ଛଟ୍‌ନି, ଧାନ ଦେବା, ଖାତାକୁ ରିନୁଆଲ କରିବାର ସମୟସୀମା ବୃଦ୍ଧି ପାଇଁ ନିବେଦନ କରିଥିଲେ। ଉପସଭାପତି ସବିତାରାଣୀ ପାଣିଗ୍ରାହୀ, ସମ୍ପାଦକ ଭରତ ପାତ୍ର, ବାଲେଶ୍ୱର–ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ବାଲିଆପାଳ ଶାଖା ପରିଚାଳକ ଅରୁଣ କୁମାର ମାଇତି, ବେତଗଡିଆ ସରପଞ୍ଚ ପ୍ରତିନିଧି ସନ୍ତୋଷ କୁମାର ଗିରି, ସଦସ୍ୟ ରାଜୀବ ରାୟ, ରତାଇ ସମିତିସଭ୍ୟ ଶାନ୍ତନୁ ମହାପାତ୍ର, ଚାଷୀନେତା ଲକ୍ଷ୍ମଣ ପରିଡ଼ା, ବରିଷ୍ଠ ସଦସ୍ୟ ସାର୍ଥକ ରଣଜିତ, ସରୋଜ ଦାସ, ମନ୍ମଥ ବେହେରା, ଧନଞ୍ଜୟ ଜେନା, କବିତା ରାଜ ପ୍ରମୁଖ ଯୋଗ ଦେଇଥିଲେ। ବଂଶୀଧର ରାଉତ, ଶକ୍ତିପଦ ଗିରି, ଆରତି ରାଜ, ଗୋପାଳକୃଷ୍ଣ ପାଣିଗ୍ରାହୀ, ଦେବେନ୍ଦ୍ର ରାଉତ, ମୃତ୍ୟୁଞ୍ଜୟ ଦାସ, ମନ୍ମଥ ପାଣି ପ୍ରମୁଖ ସହଯୋଗ କରିଥିଲେ।

# ସମୁଦ୍ରରେ ବୋଟିଂ ବନ୍ଦ, ଫିକା ପଡ଼ିବ ବେଳାଭୂମି

ଭୋଗରାଇ, ୨୯।୩ ( ପ୍ରଦୀପ ଦାସ )



ଓଡ଼ିଶା ଓ ପଶ୍ଚିମବଙ୍ଗ ସୀମାନ୍ତ ଭୋଗରାଇ ବ୍ଲକ୍‌ର ଉଦୟପୁର ମନୋରମ ବେଳାଭୂମି ପର୍ଯ୍ୟଟକଙ୍କୁ ଆକର୍ଷଣ କରୁଛି। ଏଠାକୁ ଦୈନନ୍ଦିନ ସହସ୍ରାଧିକ ପର୍ଯ୍ୟଟକ ଆସି ବେଳାଭୂମିରେ ଭ୍ରମଣ, ନାଲି କଙ୍କଡ଼ାର ଲୁଚକାଳି ଖେଳ, ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଅପୂର୍ବ ଦୃଶ୍ୟ, ସମୁଦ୍ରରେ ଗାଧୋଇବା ସହ ସମୁଦ୍ର ମଧ୍ୟକୁ ସ୍ପିଡି ବୋଟରେ ବୁଲିବା ନିଆରା ମଜା ନେଉଛନ୍ତି। ବେଳାଭୂମିରେ ପର୍ଯ୍ୟଟକଙ୍କ ସମୁଦ୍ର ଭ୍ରମଣ ଲାଗି ୨ ଟି ସ୍ପିଡି ବୋଟ ରହିଥିଲା। ମାତ୍ର ଏହାକୁ ବେଆଇନ ଦର୍ଶାଇ ଜିଲା ପ୍ରଶାସନ ବନ୍ଦ କରିଦେଇଛି।

ସୂଚନା ଅନୁଯାୟୀ, ବେଳାଭୂମିରେ ମାଦକଦ୍ରବ୍ୟର ପ୍ରସାର ଘଟି ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ବାରମ୍ବାର ଗଣ୍ଡଗୋଳ ସୃଷ୍ଟି ହେଉଛି। ପର୍ଯ୍ୟଟକଙ୍କ ବିଶୃଙ୍ଖଳା, ଭଡ଼ାବୃଦ୍ଧିକୁ ନେଇଁ ଗଣ୍ଡଗୋଳ କାରଣରୁ ଶୁକ୍ରବାରଠାରୁ ଜିଲା ପ୍ରଶାସନ ପକ୍ଷରୁ ୨ଟି ବୋଟିଂକୁ ବନ୍ଦ କରିଦିଆଯାଇଛି। ବୋଟିଂ ବନ୍ଦ ଯୋଗୁଁ ପର୍ଯ୍ୟଟକଙ୍କ ଆନନ୍ଦ ଫିକା ପଡ଼ିବା ସହ ବୋଟିଂ ଚାଳନା କରୁଥିବା ଯୁବକଙ୍କ ଜୀବନଜୀବିକା ଉପରେ ପ୍ରଭାବ ପଡ଼ିବ ବୋଲି କୁହାଯାଉଛି। ବୋଟିଂ ଚଳାଉଥିବା ଶିବଶକ୍ତି ଏଡ୍‌ଭେନଚାର ୱାଟର ସ୍ପୋର୍ଟ୍ସ ନାମକ ଏକ ବୋଟିଂ ସଂସ୍ଥା ଓଡ଼ିଶା କୋଷ୍ଟାଲ ଜୋନ୍ ମ୍ୟାନେଜମେଣ୍ଟ ଅଥରିଟି ଦ୍ୱାରା ସିଆରଜେଡ୍ ଲାଇସେନ୍ସ ପ୍ରାପ୍ତ ହୋଇଥିବାର ଦାବି କରୁଛି। ମାତ୍ର ଜିଲା ପର୍ଯ୍ୟଟନ ମ୍ୟାନେଜର ଏହାକୁ ବେଆଇନ ବୋଲି କହିଛନ୍ତି। ଅନ୍ୟପକ୍ଷେ ତାଳସାରୀ ମେରାଇନ ଥାନା ପର୍ଯ୍ୟଟକଙ୍କୁ ସୁରକ୍ଷା ଦେବାରେ ବିଫଳ ହେଉଥିବା ବେଳେ ନିଜର ଦୋଷ ଲୁଚାଇବାକୁ ବୋଟିଂ ବନ୍ଦ କରାଯାଇଥିବା କୁହାଯାଉଛି। ବୋଟିଂ ବନ୍ଦ ହେଲେ ବେଳାଭୂମିରେ ମାଛ, କଙ୍କଡ଼ା ଆଦି ବ୍ୟବସାୟ କରୁଥିବା ଶତାଧିକ ସ୍ଥାନୀୟ ଗରିବ ଉଠାଦୋକାନୀ ପ୍ରଭାବିତ ହେବେ ବୋଲି କୁହାଯାଉଛି।

## ଆରଏସ୍‌ଏସ୍ ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ

କେନ୍ଦୁଝର,୨୯।୩(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର): କେନ୍ଦୁଝର ନଗର ଭବନଠାରେ ରବିବାର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଏକ ଶହ ବର୍ଷ ପୂର୍ତ୍ତି ଅବସରରେ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଭାଗ ସଂଘ ଚାଳକ ରତିକାନ୍ତ ବୈଦ୍ୟ, ମୁଖ୍ୟ ବକ୍ତାଭାବେ ଆର୍‌ଏସ୍‌ଏସ୍ ପୁର୍‌କ୍ଷେତ୍ର ସମ୍ପର୍କ ପ୍ରମୁଖ ବିଦ୍ୟୁତ୍ ମୁଖାର୍ଜୀ ଯୋଗଦେଇ ଉପସ୍ଥିତ ବୁଦ୍ଧିଜୀବୀଙ୍କ ସହ ସଂଘର ଶତାବ୍ଦୀ ବର୍ଷ ପୂର୍ତ୍ତି ଅବସରରେ ଉପଲବ୍ଧି ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଶ୍ରୀ ମୁଖାର୍ଜୀ ସୁସ୍ଥ ସମାଜ ଗଠନରେ ପ୍ରମୁଖ ଜନ ସଂଗୋଷ୍ଠୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ସହ ସମ୍ପର୍କ ପ୍ରମୁଖ କାଳୀଚରଣ ମହାନ୍ତ ପରିଚାଳନା କରିଥିଲେ। ପ୍ରମୁଖ ଜନ ସଂଗୋଷ୍ଠୀ ଜିଲା ସଂଯୋଜକ ଶଶୀକାନ୍ତ ଜେନା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟାଳୟର ୨୦୦ରୁ ଊର୍ଦ୍ଧ୍ୱ ପ୍ରଭାବୀ ଓ ସଜ୍ଜନ ବ୍ୟକ୍ତି ସାମିଲ ହୋଇଥିଲେ।

# ଜାତୀୟ ରାଜପଥ କଡ଼ରୁ ଖସୁଛି ମାଟି

### ପଥର ପ୍ୟାଚିଂ କରିବାକୁ ଦାବି

ଢେଙ୍କିକୋଟ,୨୯।୩(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲାର ଲାଇଫ୍ ଲାଇନ କୁହାଯାଉଥିବା ୨୦ ନମ୍ବର ଜାତୀୟ ରାଜପଥର କଡ଼ରୁ ମାଟି ଧସୁଛି। ଢେଙ୍କିକୋଟ ବଜାର ନିକଟରୁ ଏହି ମାଟି ଧସି ସିର୍ଭସ ରୋଡ୍ ଉପରେ ଜମା ହେଉଛି। ମରାମତି ନ କଲେ ରାଜପଥ ଖାଇ ବିପଦ ସୃଷ୍ଟୀ କରିବ ବୋଲି ଆଶାଙ୍କା ପ୍ରକାଶ ପାଉଛି। ତେଣୁ ତୁରନ୍ତ ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ପ୍ରକାଶ ଯେ, ଢେଙ୍କିକୋଟ ବଜାର ମଧ ଦେଇ ରାଜପଥ ପାଣିକୋଇଲିରୁ ରାଜାମୁଣ୍ଡା ଯାଇଛି। ଢେଙ୍କିକୋଟ ବଜାର ନିକଟରେ ଜାତୀୟ ରାଜପଥରେ ନିର୍ମିତ ଓଭରବ୍ରିଜ ଅତି ନିମ୍ନମାନର ନିର୍ମାଣ ହୋଇଥିବା ଅଭିଯୋଗ ହୋଇଆସୁଛି। ଦୁଇ ପାର୍ଶ୍ୱରେ ପକାଯାଇଥିବା ମାଟି ଉପରେ ପଥର ପ୍ୟାଚ୍ କରାଯାଇନାହିଁ। ଫଳରେ ଅସରାଏ ବର୍ଷା ହେଲେ ରାଜପଥରେ ମାଟି ଖସି ସର୍ଭିସ ରୋଡ଼ରେ ଜମା ହେଉଛି। ଏଠାରେ ଥିବା ୟୁନିୟନ ବ୍ୟାଙ୍କ ଅଣ୍ଡରପାସ ନିକଟରେ ଚଳିତ ବର୍ଷ କାଳ ବୈଶାଖୀରେ ଅସରାଏ ବର୍ଷାରେ ରାଜପଥର ସବୁ ମାଟି ଓ ମେଟାଲ ଧୋଇ ହୋଇ ସର୍ଭିସ ରୋଡ଼ରେ ଗଦା ହୋଇ ରହୁଛି। ଫଳରେ ସର୍ଭିସ ରୋଡ୍‌ରେ ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇଯାଉଛି। ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ



ଅସନ୍ତୋଷ ପ୍ରକାଶ ପାଉଛି। ଏପରିକି ଢେଙ୍କିକୋଟ ଓଭରବ୍ରିଜରେ ଷ୍ଟ୍ରିଟ୍ ଲାଇଟ ମଧ ଲାଗାଯାଇନି। ସର୍ଭିସ ରୋଡ୍‌ରେ ଦିଆଯାଇଥିବା ଲାଇଟ୍ ମଧ୍ୟରୁ ଅଧା ଜଳୁ ନ ଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଏନ୍‌ଏଚ୍‌ଏଆଇ ଇଲେକ୍ଟ୍ରିକାଲ ସାଇଡ ଇଞ୍ଜିନିଅର ଅରୁଣ ଦାସଙ୍କୁ ବାରମ୍ବାର କହିଥିଲେ ମଧ କର୍ଣ୍ଣପାତ କରୁନାହାନ୍ତି। ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ରାଜପଥ ପଡ଼ରୁ ଖସୁଥିବା ମାଟିକୁ ସର୍ଭିସ ରୋଡ଼ରୁ ତୁରନ୍ତ ସଫା କରିବା ସହ କଡ଼ରେ ପଥର ପ୍ୟାଚ କରିବାକୁ ଢେଙ୍କିକୋଟ ବିକାଶ ମଞ୍ଚ ଦାବି କରିଛି। ଓଭରବ୍ରିଜରେ ଷ୍ଟ୍ରିଟ ଲାଇଟ୍, ସର୍ଭିସ ରୋଡ଼ ଓ ଜାତୀୟ ରାଜପଥ ପରିଷ୍କାର ପରିଛନ୍ନ ନ ରଖିଲେ ଆଗାମୀ ଦିନରେ ପ୍ରତିବାଦ କରାଯିବ ବୋଲି ମଞ୍ଚ ତରଫରୁ ଚେତାବନି ଦିଆଯାଇଛି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବା ପାଇଁ ଦାବି ହୋଇଛି।

## ରୋଇଡ଼ା-ଫଗୁଆପିଟ ଜଙ୍ଗଲରେ ହାତୀପଲ



ରାସ୍ତାକଡ଼ରେ ହାତୀପଲ ଛିଡ଼ା ହୋଇଛନ୍ତି।

ଯୋଡ଼ା,୨୯।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ବଡବିଲ ରେଞ୍ଜ ଅନ୍ତର୍ଗତ ରୋଇଡ଼ା-ଫଗୁଆପିଟ ଜଙ୍ଗଲ ନିକଟ ୫୨୦ ନମ୍ବର ଜାତୀୟ ରାଜପଥ ଅଞ୍ଚଳରେ ହାତୀପଲ ଚଳପ୍ରଚଳ କରୁଛନ୍ତି। ଗତ କିଛିଦିନ ହେବ ଏହି ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ୧୧ରୁ ଊର୍ଦ୍ଧ୍ୱ ହାତୀ ବିଚରଣ କରୁଛନ୍ତି। ଯାନବାହାନ ଯାତାୟାତ ସମୟରେ ସତର୍କତା ଅବଲମ୍ବନ କରିବା ଏବଂ ବନ ବିଭାଗ ଏଥିପ୍ରତି କଡା ନଜର ରଖିବା ପାଇଁ ସାଧାରଣରେ ଦାବି ହେଉଛି। ଯୋଡ଼ା ଓ ଭଦ୍ରାସାହିର ମଧ୍ୟମସ୍ଥଳ ଏହି ଜଙ୍ଗଲ ଅଞ୍ଚଳରେ ହାତୀପଲ ରହୁଛନ୍ତି। ଚମ୍ପୁଆ ଓ ବଡବିଲ ରେଞ୍ଜର ଏହା ହେଉଛି ସୀମାନ୍ତ ଅଞ୍ଚଳ ହୋଇଥିବା ବେଳେ ଜାତୀୟ ରାଜପଥ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଭିଡ଼ ରହୁଛି। କିଛିଦିନ ହେବ ଦିନରେ ଜାତୀୟ ରାଜପଥରେ ହାତୀପଲ ରାସ୍ତା ଅତିକ୍ରମ କରୁଥିବାରୁ ଏଥିପ୍ରତି ବନ ବିଭାଗ କଡ଼ା ନଜର ଦେବା ପାଇଁ ଦାବି ହୋଇଛି। ଶନିବାର ଦୁଇଟି ମାଈ ହାତୀ, ଗୋଟିଏ ଦନ୍ତା ଓ ଗୋଟିଏ ଶାବକ ରାଜପଥ ଅତିକ୍ରମ ସମୟରେ ପ୍ରାୟ ୨ ଘଣ୍ଟା ଧରି ଯାନବାହାନ ଅଟକି ରହିଥିଲା।

## ଅସୁରକ୍ଷିତ ଅବସ୍ଥାରେ ହୋର୍ଡିଂ

### ବିପଦ ଆଶଙ୍କା ରହୁଛି



କେନ୍ଦୁଝର,୨୯।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହରରେ ଅସୁରକ୍ଷିତ ଓ ବେଆଇନ ହୋର୍ଡିଂ ବିପଦ ସୃଷ୍ଟି କରୁଛି। କାଳ ବୈଶାଖୀ ଯୋଗୁ ସହରର ଗାନ୍ଧୀ ଛକ ନିକଟ ଅନିତା ଲୁଗା ଦୋକାନ ନିକଟରେ ହୋର୍ଡିଂ ଚିରି ବିଦ୍ୟୁତ୍ ଟ୍ରାନ୍ସଫର୍ମରରେ ପଡ଼ିବା ଫଳରେ ବଡ ଅଘଟଣ ବର୍ତ୍ତି ଯାଇଛି। ସେହିପରି ଏକ ବୋର୍ଡ ଭାଙ୍ଗି ପଡ଼ିଥିଲେ ହେଁ ଦୁର୍ଘଟଣାରୁ ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ବୋଲି ସ୍ଥାନୀୟ ଦୋକାନୀ ଅନିଲ ଶଙ୍କର କହିଛନ୍ତି। ପବନ ହେଲେ ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ଛୋଟ ବଡ଼ ହୋର୍ଡ଼ିଂଗୁଡ଼ିକ ଖସି ଓ ପବନରେ ଉଡ଼ି ଏଣେ ତେଣେ ପଡୁଥିବାରୁ ଯାତାୟାତ ଅସୁରକ୍ଷିତ ହୋଇପଡ଼ିଛି। ସେହିପରି ଏଭଳି ରାସ୍ତା ସାରା ହୋର୍ଡ଼ିଂ, କପଡ଼ା ଆଦି ପଡୁଛି, ଯାହାକୁ ସହରର ସୌନ୍ଦର୍ଯ୍ୟ ହାନୀ ଘଟୁଛି। ଏଣୁ ବେଆଇନ ହୋର୍ଡିଂ ଉପରେ କଟକଣା ଲାଗୁ କରିବାକୁ ଦାବି ହେଉଛି।

## ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ




ଅତିଥି ଓ ମଞ୍ଚର ସଦସ୍ୟ ମୁଖପତ୍ର ଉନ୍ମୋଚନ କରୁଛନ୍ତି।

ବଉଳା,୨୯।୩(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ଆଞ୍ଚଳିକ ବରିଷ୍ଠ ନାଗରିକ ବିକାଶ ମଞ୍ଚ ସୋସୋର ପ୍ରଥମ ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଛି। ମଞ୍ଚର ସଭାପତି ପର୍ଶୁରାମ ପେଡ଼ାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ପଦ୍ମଶ୍ରୀ ଦୈତାରୀ ନାୟକ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଭାରପ୍ରାପ୍ତ ପ୍ରଶାସନିକ ସେବା ଅଧିକାରୀ ଗୋସ୍ୱାମୀ ଗୋଲାମ ଦେବତା, ଆନନ୍ଦପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ବରିଷ୍ଠ ସାହିତ୍ୟିକ ରମାକାନ୍ତ ନାୟକ, କବି ଓ ଶିଶୁ ସାହିତ୍ୟିକ ରତ୍ନାକର ଦାସ, କାର୍ଯ୍ୟକାରୀ ସଭାପତି ନୃସିଂହ ଚରଣ ଦେହୁରୀ, ଉପସଭାପତି ନରହରି ପାତ୍ର, ସମ୍ପାଦକ ମୋହନ ମହାନ୍ତି, ଅବସରପ୍ରାପ୍ତ ବିଚାରପତି ନରେନ୍ଦ୍ର ସାମଲ, କେନ୍ଦୁଝର ଜିଲା ପରିଷଦର ଉପାଧ୍ୟକ୍ଷ ସୋମନାଥ ଦାସ, ଭଦ୍ରକର ବରିଷ୍ଠ ଡା. ରବିନ୍ଦ୍ର ନାୟକ, ସୋସୋ ଥାନା ଅଧିକାରିଣୀ କାନନ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ବରିଷ୍ଠ ନାଗରିକ ବିକାଶ ମଞ୍ଚ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଓ ଲୋକଙ୍କ ସମସ୍ୟା ନେଇ ପ୍ରଶାସନର ଦୃଷ୍ଟି ଆକହର୍ଷଣ କରୁଛି। ସମାଜସେବା ପାଇଁ ଅଞ୍ଚଳରେ ସାଧାରଣ ଲୋକଙ୍କ ନିକଟରେ ଆଦୃତ ହୋଇପାରିଥିବାରୁ ଉପସ୍ଥିତ ଅତିଥିମାନେ ପ୍ରଶଂସା କରିଥିଲେ। ଏହି ଅବସରରେ ମୁଖପତ୍ର 'ଗୋଧୂଳି' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ମଞ୍ଚ ପକ୍ଷରୁ ପ୍ରତିଭାବାନ ପ୍ରତିଭାବାନ ବ୍ୟକ୍ତିଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ମୋହନ କୁମାର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିବାବେଳେ ବିଶିଷ୍ଟ ସାହିତ୍ୟିକ ନାରାୟଣ ଚନ୍ଦ୍ର ଲେଙ୍କା ଅତିଥି ପରିଚୟ ଓ ସଂଯୋଜନା କରିଥିଲେ। ଶରତ ରାଉତ, ବସନ୍ତ ଦାସ, ଗୋପାଳ ରାଉତ, ହରମୋହନ ପଣ୍ଡା, ନାରାୟଣ ଚନ୍ଦ୍ର ରାଉତ, ନାରାୟଣ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

## ବନ୍ୟପ୍ରାଣୀ ସଂରକ୍ଷଣ, ଜଙ୍ଗଲ ନିଆଁ ଦମନ ସଚେତନତା

ଆନନ୍ଦପୁର,୨୯।୩(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ମହାପାତ୍ର ସାହି ନିକଟରେ ଥିବା ବିଭିନ୍ନ ଜନବସତିକୁ ନେଇ ବନ୍ୟପ୍ରାଣୀ ସଂରକ୍ଷଣ, ହାତୀ ମଣିଷ ବିବାଦ ଓ ଜଙ୍ଗଲ ନିଆଁ ଦମନ ସଚେତନତା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ତଥା ପ୍ରକୃତି ବନ୍ଧୁ ତ୍ରିଲୋଚନ ସାହୁ ଜଙ୍ଗଲ ନିକଟବର୍ତ୍ତୀ ଲୋକଙ୍କୁ ନେଇ ଏ ସମ୍ବନ୍ଧରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଜଙ୍ଗଲ ନିଆଁ ଦମନ କରିବା ପାଇଁ ଅନୁରୋଧ କରିଥିଲେ। ଏଥିରେ କଣ୍ଟିପାଳର ଶିକ୍ଷକ ଦିଲ୍ଲୀପ କୁମାର୍ ଦାସ, ମାହାପାତ୍ରସାହିର ସାମାଜିକକର୍ମୀ ବଳଭଦ୍ର ନାୟକ, ବୁଦ୍ଧଦେବ ନାୟକ, ଅଭିମନ୍ୟୁ ନାୟକ, ପୂର୍ଣ୍ଣିମା ନାୟକ, ହେମଲତା ନାୟକ, ରାଜ କିଶୋର ବାରିକ, ମନୋଜ ସାହୁ, ରଞ୍ଜିତ ନାୟକ, ପ୍ରସନ୍ନ ନାହାକ ଓ ନାରାୟଣ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ। ଆଗାମୀ ଦିନରେ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଜଙ୍ଗଲ ନିଆଁ ଦମନ କରିବା ଦିଗରେ ବିଭିନ୍ନ ସଚେତନତା ଶିବିର ଆୟୋଜନ କରିବେ ବୋଲି ପ୍ରକୃତିବନ୍ଧୁ ସାହୁ ସୂଚନା ଦେଇଛନ୍ତି।



ସଚେତନତା ସଭାରେ ଉପସ୍ଥିତ ସ୍ଥାନୀୟ ଲୋକେ।

## ମା' ବାସନ୍ତୀ ଦୁର୍ଗାପୂଜା ଉଦ୍‌ଯାପିତ



ଯୋଡ଼ା,୨୯।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ ସେଗ୍ରିଗେଶନ କ୍ୟାମ୍ପଠାରେ ଚାଲିଥିବା ମା' ବାସନ୍ତୀ ଦୁର୍ଗାପୂଜା ଉଦ୍‌ଯାପିତ ହୋଇଯାଇଛି। ପୂଜା ୩୬ ବର୍ଷରେ ପଦାର୍ପଣ କରିଥିବା ବେଳେ ଭଦ୍ରକ ଜିଲାରୁ କୁଶଳୀ କାରିଗରଙ୍କ ଦ୍ୱାରା ମା' ବାସନ୍ତୀ, ଭଗବାନ ଗଣେଶ, ମାତା ଲକ୍ଷ୍ମୀ, ମାତା ସରସ୍ୱତୀ, ଭଗବାନ କାର୍ତ୍ତିକ, ରାମ, ହନୁମାନଙ୍କ ମୃଣ୍ମୟୀ ମୂର୍ତ୍ତି ତିଆରି କରାଯାଇଥିଲା। ପୁରୀ, କଟକ, ଭୁବନେଶ୍ୱରରୁ ଆସିଥିବା ପୂଜକଙ୍କ ଦ୍ୱାରା ୫ ଦିନ ଧରି ରୀତି ନୀତି ଅନୁଯାୟୀ ପୂଜା ଅର୍ଚ୍ଚନା କରାଯାଇଥିଲା ବୋଲି ପୂଜା କମିଟିର ବରିଷ୍ଠ ସଦସ୍ୟ ମୁନି ରାମ ବାହାଦୁର ସୂଚନା ଦେଇଛନ୍ତି। ଏହି ଅବସରରେ କୋଲକାତାରୁ ଆସିଥିବା ବାଦ୍ୟ ଲୋକଙ୍କୁ ଆକର୍ଷିତ କରିଥିଲା। ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହାସହିତ କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ରବିବାର ସକାଳ ସମୟରେ ସ୍ଥାନୀୟ ମହିଳା ମା'ଙ୍କୁ ସିନ୍ଦୁର ଲଗାଇବା ପରେ ପରସ୍ପର ମଧ୍ୟରେ ସିନ୍ଦୁର ଲଗାଇ ବିଧି ସମ୍ପନ୍ନ କରିଥିଲେ। ସନ୍ଧ୍ୟାରେ ମା'ଙ୍କ ବିସର୍ଜନ କରାଯାଇଥିଲା। ଶାନ୍ତି ଶୃଙ୍ଖଳା ପାଇଁ ଯୋଡ଼ା ପୋଲିସ ପକ୍ଷରୁ ବ୍ୟାପକ ଫୋସ ମୁତୟନ ହୋଇଥିଲେ।

## ପ୍ଲାଣ୍ଟ ବିରୋଧୀ ନେତାଙ୍କୁ ଛାଡିବା ଦାବିରେ ଶୋଭାଯାତ୍ରା

ପାଟଣା,୨୯।୩(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ତହସିଲ ଅଞ୍ଚଳରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ଓ ପୋସ୍କୋ ମେଗା ଷ୍ଟିଲ ପ୍ଲାଣ୍ଟକୁ ବିରୋଧ କରି ଗିରଫ ହୋଇଥିବା ୪ ନେତାଙ୍କୁ ଖଲାସ, ଜିନ୍ଦଲ ପୋସ୍କୋ ସହ ରାଜ୍ୟ ସରକାରଙ୍କ ଚୁକ୍ତିପତ୍ର ରଦ୍ଦ ଦାବି ଜୋର ଧରିଛି। ରବିବାର ଜିନ୍ଦଲ ପସ୍କୋ ପ୍ରତିରୋଧ ମଞ୍ଚ ଯମୁନାପୋଷି ପକ୍ଷରୁ ପ୍ରତିବାଦ ଓ ଶୋଭାଯାତ୍ରା କରାଯାଇଛି।

ସୂଚନା ଯେ, ଗତ ମାର୍ଚ୍ଚ ୨୦ରେ ଚେମେଣା ପଞ୍ଚାୟତ ଧନୁର୍ଜୟପୁର ସ୍କୁଲପଡ଼ିଆରେ ଗ୍ରାମସଭା ପୂର୍ବରୁ ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚ ପକ୍ଷରୁ ଗ୍ରାମ ସଭାକୁ ବିରୋଧ କରାଯାଇଥିଲା। ଏହି ସମୟରେ




ପ୍ଲାଣ୍ଟ ବିରୋଧୀ ମଞ୍ଚର ସଦସ୍ୟ ଶୋଭାଯାତ୍ରାରେ ଯାଉଛନ୍ତି।

ପୋଲିସ ମଞ୍ଚର ନିର୍ମଳ ମହାନ୍ତ, ଅମିୟ ନାଏକ, ଧନେଶ୍ୱର ମହାନ୍ତ, ମନୋହର ମହାନ୍ତଙ୍କୁ ଉଠାଇ ନେଇ କୋର୍ଟଚାଲାଣ କରିଥିଲା। ଜିନ୍ଦଲ ଓ ପୋସ୍କୋ ପ୍ରତିରୋଧ ମଞ୍ଚର ଅକ୍ଷୟ ନାଏକ, ମନୋରଞ୍ଜନ ନାଏକଙ୍କ ନେତୃତ୍ୱରେ ରବିବାର ୨୦୦ରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ଯମୁନାପୋଷି ହାଟପଡ଼ିଆରୁ ଶୋଭାଯାତ୍ରାରେ ବାହାରି ଭୂମିଜ ସାହି, ଗୁଡ଼ା ସାହି, ମହାନ୍ତ ସାହି, ଗୁଲା ସାହି, ଗୋଦି ସାହି, ପରିକ୍ରମା କରି ବିଭିନ୍ନ ପ୍ଲାଣ୍ଟ ବିରୋଧୀ ସ୍ଲୋଗାନ ଦେଇଥିଲେ।

## ଯୁବକଙ୍କୁ ହତ୍ୟା ଘଟଣା, ମା'ପୁଅ ଗିରଫ

ଢେଙ୍କିକୋଟ,୨୯।୩(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ପିଟାପିଟି ପଞ୍ଚାୟତ ପିଟାପିଟି ଗ୍ରାମରେ ଶୁକ୍ରବାର ରାତିରେ ଗ୍ରାମର ଭାଗୀରଥି ପଲେଇଙ୍କୁ ନିର୍ମମଭାବେ ହତ୍ୟା କରାଯାଇଥିଲା। ଘଟଣାରେ ହରିଚନ୍ଦନପୁର ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଗ୍ରାମର ମାଳତି ମହାରଣା(୪୦) ଓ ତାଙ୍କ ପୁଅ ରାଜା। ସୂଚନା ଅନୁଯାୟୀ, ଭାଗୀରଥିଙ୍କ ଗ୍ରାମର ମାଳତିଙ୍କ ସହିତ ପ୍ରେମ ସମ୍ପର୍କ ରହିଥିଲା। ଶୁକ୍ରବାର ରାତିରେ ଭାଗୀରଥି ଦେଖା କରିବାକୁ ମାଳତିଙ୍କ ଘରକୁ ଯାଇଥିଲେ। ଏହି ସମୟରେ ମାଳତିଙ୍କ ପୁଅ ଦେଖି ଦେଇଥିଲେ। ଏକ କାଠ ଫାଳିଆରେ ଭାଗୀରଥୀଙ୍କ ମୁଣ୍ଡକୁ ପ୍ରହାର କରିଥିଲେ। ଭାଗୀରଥୀ ପାଟି କରିବାକୁ ମାଳତି ଓ ତାଙ୍କ ପୁଅ ମିଶି ହତ୍ୟା କରି ବିଲରେ ପକାଇ ଦେଇଥିଲେ। ଏ ସମ୍ପର୍କ ଘଟଣା ବିଷୟ ରେ ମାଳତି ମହାରଣା ଓ ତାଙ୍କ ପୁଅ ପୋଲିସ ସମ୍ମୁଖ ମାନିଯାଇଥିଲେ। ପୋଲିସ ଏକ ମାମଲା(ନଂ.୮୯/୨୬) ରୁଜୁ କରି ମାଳତିଙ୍କୁ କୋର୍ଟଚାଲାଣ କରିଥିବା ବେଳେ ନାବାଳକଙ୍କ ପୁଅଙ୍କୁ ବାଳ ସୁଧାରଗୃହକୁ ପଠାଇବା ବ୍ୟବସ୍ଥା କରାଯାଉଥିବା ହରିଚନ୍ଦନପୁର ଥାନା ଅଧିକାରୀ ମଧୁଲତା ବିଶ୍ୱାଳ ପ୍ରକାଶ କରିଛନ୍ତି।

## ଟାଟା ଷ୍ଟିଲ ଯୋଡ଼ା କ୍ଲଷ୍ଟରର ଲୌହ, ମାଙ୍ଗାନିଜ ଖଣିକୁ ୧୪ ପୁରସ୍କାର

ଯୋଡ଼ା,୨୯।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା କ୍ଲଷ୍ଟରରେ ଥିବା ଟାଟା ଷ୍ଟିଲର ଲୌହ ଓ ମାଙ୍ଗାନିଜ ଖଣିଗୁଡିକୁ ୧୪ଟି ପୁରସ୍କାର ମିଳିଛି। ଇଣ୍ଡିଆନ ବ୍ୟୁରୋ ଅଫ ମାଇନ୍ସ (ଆଇବିଏମ) ତତ୍ତ୍ୱାବଧାନରେ ଶନିବାର ଆୟୋଜିତ ୨୭ତମ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ (ଏମଇଏମସି) ସପ୍ତାହ ୨୦୨୫- ୨୦୨୬ ପୁରସ୍କାର ବିତରଣ ଉତ୍ସବରେ ଉକ୍ତ ସମ୍ମାନ ପ୍ରଦାନ କରାଯାଇଛି। ଟାଟା ଷ୍ଟିଲର ଯୋଡ଼ା ପୂର୍ବ ଲୌହ ଖଣିକୁ ବିଭାଗ-ଏ ଅନ୍ତର୍ଗତ ଖଣିଜ ପ୍ରକ୍ରିୟାକରଣ ଏବଂ ଖଣିଜ ପୁନଃ ଉଦ୍ଧାର ପାଇଁ ପୃଥକ ଭାବେ ଦ୍ୱିତୀୟ ପୁରସ୍କାର, ଖଣିକୁ ବିଭାଗ-ଏ ଅନ୍ତର୍ଗତ ସାମଗ୍ରିକ ପ୍ରଦର୍ଶନ ପାଇଁ ମଧ ଦ୍ୱିତୀୟ ପୁରସ୍କାର, ବିଭାଗରେ ଖଣ୍ଡବନ୍ଧ ଲୌହ ଓ ମାଙ୍ଗାନିଜ ଖଣିକୁ ଖଣିଜ ପ୍ରକ୍ରିୟାକରଣ ଏବଂ ଖଣିଜ ପୁନଃ ଉଦ୍ଧାର ପାଇଁ ପୃଥକ ଭାବେ ତୃତୀୟ ପୁରସ୍କାର, ଅନୁରୂପ କାଟାମାଟି ଲୌହ ଖଣିକୁ ବ୍ୟବସ୍ଥିତ ବୈଜ୍ଞାନିକ ପଦ୍ଧତି ପାଇଁ ପ୍ରଥମ ଏବଂ ଖଣିଜ ସଂରକ୍ଷଣ ପାଇଁ




ତୃତୀୟ, ବିଭାଗ -ବି ଅନ୍ତର୍ଗତ ନୀଳାଚଳ ଇସ୍ପାତ ନିଗମ ଲିମିଟେଡର ନୀଳାଚଳ ଖଣିକୁ ଖଣିଜ ପୁନଃ ଉଦ୍ଧାର ପାଇଁ ଦ୍ୱିତୀୟ ପୁରସ୍କାର ପ୍ରଦାନ କରାଯାଇଛି। ବିଭିନ୍ନ ଖଣିର ଅଧିକାରୀମାନେ ମୁଖ୍ୟ ଅତିଥି ଆଇବିଏମ କଣ୍ଟ୍ରୋଲର ଜେନେରାଲ ଅଫ ମାଇନ୍ସ ପଙ୍କଜ କୁଳଶ୍ରେଷ୍ଠଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଅନୁରୂପ ପଶ୍ଚିମ ଯୋଡ଼ା ଲୌହ ଖଣିକୁ ବନୀକରଣ, ବ୍ୟବସ୍ଥିତ ବୈଜ୍ଞାନିକ ପଦ୍ଧତି ଏବଂ ସମୂହ ପାରଦର୍ଶିତା ପାଇଁ ପୃଥକ ଭାବେ ପ୍ରଥମ ପୁରସ୍କାର, ବାମେବାରି ଖଣିକୁ ପ୍ରକ୍ରିୟାକରଣ ଏବଂ ଖଣିଜ ପୁନଃ ଉଦ୍ଧାର ଓ ସ୍ଥାୟୀ ବିକାଶ ପଦ୍ଧତି ପାଇଁ ଯଥାକ୍ରମେ ପ୍ରଥମ ଓ ତୃତୀୟ, କମ୍ପାନୀର ତିରିଙ୍ଗପାହାଡ଼ ଖଣି ବନୀକରଣ ପାଇଁ ପ୍ରଥମ ସ୍ଥାନ ଅଧିକାର କରିଛି। ଅନ୍ୟମାନଙ୍କ ମଧ୍ୟରେ ଆଇବିଏମ ଚିଫ୍ କଣ୍ଟ୍ରୋଲର ଅଫ ମାଇନ୍ସ ଜି କାଲେ, କଣ୍ଟ୍ରୋଲର ଅଫ ମାଇନ୍ସ (ଇଷ୍ଟ ଜୋନ) ପୁଖରାଜ ନେନିୱାଲ, ଟାଟା ଷ୍ଟିଲ ଯୋଡ଼ା ଚିଫ ରାଜେଶ କୁମାର, ଏଫ୍‌ଏମ୍‌ଡି ଚିଫ୍ ଶମ୍ଭୁନାଥ ଝା, ନୀଳାଚଳ ଇସ୍ପାତ ଖଣି ଚିଫ୍ ରାହୁଲ କିଶୋର, ଖଣ୍ଡବନ୍ଧ ଖଣି ଚିଫ୍ ଜିଭି ସତ୍ୟ ନାରାୟଣ ଏବଂ ରାଜ୍ୟର ବିଭିନ୍ନ ଖଣିର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଆର୍ଥିକ ଅନଟନରେ ବିଚ୍ଛିନ୍ନାଞ୍ଚଳ ଓଡ଼ିଆ ଶିକ୍ଷକ

କେନ୍ଦୁଝର,୨୯।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

ବିଚ୍ଛିନ୍ନାଞ୍ଚଳ ଝାଡ଼ଖଣ୍ଡ ରାଜ୍ୟର ଓଡିଆ ଭାଷାଭାଷି ବିଦ୍ୟାଳୟରେ ଓଡ଼ିଆ ଭାଷାର ସୁରକ୍ଷା ପାଇଁ କାମ କରୁଥିବା ଓଡିଆ ଯୋଦ୍ଧା ଏବେ ଭୋକରେ। ଝାଡ଼ଖଣ୍ଡ ସରକାର ଓଡ଼ିଆ ଶିକ୍ଷକ ନିଯୁକ୍ତି କରୁ ନ ଥିବାରୁ ଉତ୍କଳ ସମ୍ମିଳନୀ ମାଧ୍ୟମରେ ଏହି ସବୁ ଶିକ୍ଷୟିତ୍ରୀ, ଶିକ୍ଷକମାନେ ମାସିକ ୩ ହଜାର ଟଙ୍କା ଦରମାରେ ଓଡିଆ ମାତୃଭାଷା ପଢ଼ାଉଛନ୍ତି। ସେହିପରି ଶିକ୍ଷା ପରିଦର୍ଶକମାନେ ମାସିକ ୫ ହଜାର ଟଙ୍କାରେ କାମ କରିଆସୁଛନ୍ତି।

ସୂଚନା ଯୋଗ୍ୟ, ଝାଡ଼ଖଣ୍ଡ ରାଜ୍ୟର ପୂର୍ବସିଂଭୂମ ଜିଲାରେ ୨୯ଟି ସ୍କୁଲରେ ୫୪ ଶିକ୍ଷକ, ଷଢ଼େଇକଳା ଖରସୁଆଁ ଜିଲାର ୫୨ଟି ସ୍କୁଲରେ ୫୮ ଶିକ୍ଷକ, ପଶ୍ଚିମସିଂଭୂମ ଜିଲାର ୩୯ଟି ସ୍କୁଲରେ ୪୨ ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ନିୟମିତ ଓଡ଼ିଆ ମାତୃଭାଷା ପଢ଼ାଉଛନ୍ତି। ସେମାନେ ୨୨ ବର୍ଷ ପୂର୍ବରୁ ଓଡ଼ିଶା ସରକାରଙ୍କ



ବିଚ୍ଛିନାଞ୍ଚଳରେ ନିୟୋଜିତ ଓଡ଼ିଆ ଶିକ୍ଷୟିତ୍ରୀ ଓ ଶିକ୍ଷକ।

ଗଣଶିକ୍ଷା ବିଭାଗ ଅଧୀନରେ ପଢ଼ାଇ ଆସୁଛନ୍ତି। ଓଡ଼ିଶା ସରକାର ୨୦୨୧-୨୨ରୁ ଆର୍ଥିକ ଅନୁଦାନ ଅଦ୍ୟାବଧି ଦେଇ ନ ଥିବାରୁ ସେମାନେ ବହୁ ଆର୍ଥିକ ଅନଟନ ମଧ୍ୟରେ ରହିଛନ୍ତି। ସେହିପରି ୨୦୨୩-୨୪ରେ ସରକାର ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ମାସିକ ଭତ୍ତା ବୃଦ୍ଧି କରି ୪୫୦୦ ଟଙ୍କା ଏବଂ ଶିକ୍ଷା ପରିଦର୍ଶକଙ୍କୁ ୬୫୦୦ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏଣୁ ବକେୟା ଦରମା ଓ ବର୍ଦ୍ଧିତ ଦରମା ଦେବାକୁ ସେମାନେ ଦାବି କରିଛନ୍ତି। ଏ ନେଇ ଗତ ୧୯ ତାରିଖରେ ବିଚ୍ଛିନ୍ନାଞ୍ଚଳ ଝାଡଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶ ରାଜ୍ୟରେ ଶିକ୍ଷାଦାନ କରୁଥିବା ୬୨୬ ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଭେଟି ଦାବିପତ୍ର ମଧ ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଘୋଷଣା ଅନୁଯାୟୀ ୧୨ ମାସର ଆର୍ଥିକ ଅନୁଦାନ ସହ ବକେୟା ଅନୁଦାନ ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଶୀଘ୍ର ଦାବି ପୂରଣ କରିବାକୁ ଓଡ଼ିଆ ଶିକ୍ଷୟିତ୍ରୀ ରୀତାରାଣୀ ଦୁବେ, ଲକ୍ଷ୍ମୀପ୍ରିୟା ମିଶ୍ର, ଅନିତା ପୁରସେଟ, ରମେଶ ଚନ୍ଦ୍ର ପ୍ରଧାନ, ପରିଦର୍ଶକ ସୁଶିଲ ଷଡ଼ଙ୍ଗୀ, ଜୟରାମଦାସ ପାତ୍ରଙ୍କ ସମେତ ଅନ୍ୟମାନେ ଦାବି କରିଛନ୍ତି।

## ଏପ୍ରିଲ ୧୦ରୁ ଟିଲୋ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

ବନ୍ତ,୨୯।୩(ହରି ନାରାୟଣ ମହାନ୍ତି)

ବନ୍ତ ବ୍ଲକ ଟିଲୋ ସରକାରୀ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଆସନ୍ତା ଏପ୍ରିଲ ୧୦ରୁ ୩ ଦିନ ଧରି ଅନୁଷ୍ଠିତ ହେବ। ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଉତ୍ସବରେ ବାଚସ୍ପତି, ଉଚ୍ଚଶିକ୍ଷା ମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ, ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ, ଭଦ୍ରକ ଏମ୍‌ପିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉତ୍ସବ ପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ଗୀତାରାଣୀ ଦେ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଲିଙ୍ଗରାଜ ସ୍ୱାଇଁ, ବିଶ୍ୱନାଥ ଓଝା, ନାରାୟଣ ଚନ୍ଦ୍ର ସାମଲ, ଡ.ମନ୍ମଥ ରାଉଳ, ନରୋତ୍ତମ ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ହୃଷୀକେଶ ପୃଷ୍ଟି, ପୂର୍ବତନ ସରପଞ୍ଚ ପଙ୍କଜିନୀ ଲେଙ୍କା, ଖବରଦାତା ମାଧବାନନ୍ଦ ବେହୁରା, ସମିତିସଭ୍ୟ ପରମେଶ୍ୱର ବାରିକ, ଶିକ୍ଷକ ଅଶୋକ ଖିଲାର, ଇଂ.ସୁଧାଂଶୁ ଶେଖର ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ବାହାର ଜିଲା ମିଲର ନିଯୁକ୍ତ ସତ୍ତ୍ୱେ ଉଠିପାରୁନି ଧାନ

- ମଣ୍ଡିରେ ପଡ଼ିରହିଛି ୫ଲକ୍ଷ କୁଇଣ୍ଟାଲରୁ ଉର୍ଦ୍ଧ୍ୱ
- କାଳବୈଶାଖୀ ବର୍ଷାରେ ଜରିପାଲ ତଳେ ଗଦା ହୋଇଛି ଧାନବସ୍ତା

ଭଦ୍ରକ,୨୯।୩(ସନାତନ ରାଉତ)

ଚଳିତବର୍ଷ ଖରିଫ ଧାନ କିଣାରେ ବାରମ୍ବାର ସମସ୍ୟା ଦେଖାଯାଇଥିବା ବେଳେ ଶେଷ ପର୍ଯ୍ୟନ୍ତ ମଧ୍ୟ କ୍ରୟ ସୁରୁଖୁରୁରେ ହୋଇପାରୁ ନାହିଁ। ଗତ ୪ ଦିନ ଧରି ଭଦ୍ରକ ଜିଲାରେ କାଳବୈଶାଖୀ ପ୍ରଭାବରେ ଘୂର୍ଣ୍ଣିଝଡ଼ ସହ ବର୍ଷା ହେଉଥିବା ବେଳେ ମଣ୍ଡି ଆଗରେ ଜରିପାଲ ତଳେ ଧାନବସ୍ତା ଗଦା ହୋଇଛି। ମିଲର ସମସ୍ୟା ଏଡ଼ାଇବା ପାଇଁ ଜିଲା ପ୍ରଶାସନ ଜିଲା ବାହାରର ମିଲର ନିୟୋଜିତ କରିଛନ୍ତି। ତଥାପି ସ୍ଥିତିରେ ସୁଧାର ଆସିପାରୁ ନାହିଁ। ମଣ୍ଡିରୁ ଧାନ ଉଠିପାରୁନି। ଭଦ୍ରକ ଜିଲାରେ ଧାନ ସଂଗ୍ରହ କରିବାକୁ ୧୮ଜଣ ବାହାର ଜିଲା ମିଲର ନିଯୁକ୍ତି ପରେ ମଧ୍ୟ ୫ ଲକ୍ଷ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଧାନ ମଣ୍ଡିରେ ପଡ଼ିରହିଛି।

ବର୍ତ୍ତମାନ ସୁଦ୍ଧା ଜିଲାରେ ପ୍ରାୟ ୨୭ ଲକ୍ଷ ୭୦ ହଜାର କୁଇଣ୍ଟାଲ ଧାନ କିଣା ସରିଛି। କିଣା ଯାଇଥିବା ଧାନରୁ ପ୍ରାୟ ୨୨ଲକ୍ଷ ୧୦ ହଜାର କୁଇଣ୍ଟାଲ ଧାନ ମିଲ୍‌କୁ ଉଠିଥିବା ଜିଲା ଯୋଗାଣ ବିଭାଗ



ଭଦ୍ରକ ବ୍ଲକ୍‌ର ଏକ ମଣ୍ଡିରେ ଜରିପାଲ ତଳେ ରହିଥିବା ଧାନବସ୍ତା।

ପକ୍ଷରୁ ସୂଚନା ମିଳିଛି। ପ୍ରକାଶଥାଉ କି, ଚଳିତବର୍ଷ ଧାନ କିଣା ପାଇଁ ୧୫୧ଟି ସରକାରୀ ମଣ୍ଡି ନିୟୋଜିତ କରାଯାଇଛି। ଜିଲାରେ ୯୬ ହଜାର ୨୩୨ଜଣ ଚାଷୀ ସରକାରୀ ଦରରେ ଖରିଫ ଧାନ ବିକିବାକୁ ନାମ ପଞ୍ଜୀକରଣ କରିଥିବା ବେଳେ ୧୩ ଲକ୍ଷ ୩୦ ହଜାର କୁଇଣ୍ଟାଲ ଧାନ କିଣାଯିବାକୁ ଟାର୍ଗେଟ ରହିଥିଲା। ପରେ ଟାର୍ଗେଟ ବୃଦ୍ଧି କରାଯାଇ ୩୧ ଲକ୍ଷ ୩୦ ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ତେବେ ଜିଲା ମିଲରଙ୍କ ଧାନ ସଂଗ୍ରହ ସନ୍ତୋଷଜନକ ନ ହେବାରୁ ସରକାର ବାହାର ଜିଲାରୁ ଅଧିକ ୧୮ଜଣ ମିଲର ନିଯୁକ୍ତି ଦେଇଥିଲେ। ବାହାର ଜିଲା ମିଲରଙ୍କୁ ମିଶାଇ ଜିଲାରେ ଏବେ ୪୧ ମିଲର ଧାନ ସଂଗ୍ରହରେ ଭାଗ ନେଇଛନ୍ତି। ଅପରପକ୍ଷେ ଧାନ ସଂଗ୍ରହ ଅବଧି ସରି ଆସୁଥିବା ବେଳେ ମଣ୍ଡିରୁ ଧାନ ଉଠି ପାରୁ ନ ଥିବା ସମସ୍ୟା ସୃଷ୍ଟି କରିଛି। ଏନେଇ ଜିଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକଙ୍କୁ ପଚାରିବାରୁ ଧାନ ଉଠିବାରେ ବିଭିନ୍ନ ସମସ୍ୟା ରହିଥିବାରୁ ଆହୁରି ପ୍ରାୟ ୫ ଲକ୍ଷ ୭୦ ହଜାର କୁଇଣ୍ଟାଲ ଧାନ ମଣ୍ଡିରେ ପଡ଼ିରହିଛି।

## ନ୍ୟାୟ ନ ମିଳିଲେ ଆତ୍ମାହୁତି

### ମହିଳାଙ୍କ ଚେତାବନୀ

ଧୁଷୁରୀ,୨୯।୩(ଦୀପ୍ତିରଞ୍ଜନ ନାୟକ)

ଭଦ୍ରକ ଜିଲା ଧୁଷୁରୀ ଅଞ୍ଚଳର ୨୩ ବର୍ଷୀୟ ଜଣେ ଦଳିତ ମହିଳା ୧୫ଦିନ ମଧ୍ୟରେ ତାଙ୍କୁ ନ ମିଳିଲେ ସେ ଥାନା ଆଗରେ ଆତ୍ମାହୁତି ଦେବେ ବୋଲି ରବିବାର ଚେତାବନୀ ଦେଇଛନ୍ତି। ଏନେଇ ସେ ସୋମବାର ମୁଖ୍ୟମନ୍ତ୍ରୀ, ଭଦ୍ରକ ଜିଲାପାଳ ଓ ଏସ୍‌ପିଙ୍କୁ ଡାକ ମାଧ୍ୟମରେ ଅବଗତ କରିବେ ବୋଲି କହିଛନ୍ତି।

ଉକ୍ତ ଯୁବତୀ ଦର୍ଶାଇଛନ୍ତି, ସେହି ଅଞ୍ଚଳର ସବର୍ଣ୍ଣ ଜାତିର ଜଣେ ଯୁବକ ତାଙ୍କ ସହ ପ୍ରେମ ସମ୍ପର୍କ ରଖି ବିବାହର ପ୍ରତିଶ୍ରୁତି ଦେଇ ଭଦ୍ରକର ଚରମ୍ପାରେ ଏକ ଭଡ଼ାଘରେ ରହୁଥିଲେ। ପ୍ରାୟ ୧ ବର୍ଷ ରହିବା ପରେ ଉଭୟ କୋର୍ଟ ମ୍ୟାରେଜ କରିଥିଲେ। ପରିବାର ଲୋକେ ଏକଥା ଜାଣିବା ପରେ ୨୦୨୪ ସେପ୍ଟେମ୍ବରରେ ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀଙ୍କୁ ସାଙ୍ଗରେ ନେଇ ତାଙ୍କୁ ପୁରୀରେ ବୋହୂ ମାନ୍ୟତା ଦେଇଥିଲେ। ହେଲେ ସେ ଯୁବକଙ୍କ ଘରକୁ ଆସି ୨ ମାସ ରହିବା ପରେ ପରିବାର ଲୋକେ ତାଙ୍କୁ ଖଣ୍ଡାରେ ହାଣିବା ସହ ଘରୁ ତଡ଼ି ଦେଇଥିଲେ। ସେ ଏନେଇ ଧୁଷୁରୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏପରିକି ନ୍ୟାୟ ପାଇଁ ଏସ୍‌ପିଙ୍କୁ ମଧ୍ୟ ଗୁହାରି କରିଥିଲେ। ଏ ସଂକ୍ରାନ୍ତରେ ଧୁଷୁରୀ ଥାନାରେ ଏକ ମାମଲା (ନଂ.୩୨୧/୨୪) ରୁଜୁ ହୋଇଥିଲା। ଏବେ ଥାନା ପୋଲିସ ନ୍ୟାୟ ଦେବା ପରିବର୍ତ୍ତେ ଯୁବକଙ୍କ ପରିବାରକୁ ସାହାଯ୍ୟ କରୁଥିବା ସେ ଅଭିଯୋଗ କରିଛନ୍ତି। ଏହାମଧ୍ୟରେ ତାଙ୍କ ସ୍ୱାମୀ ତାଙ୍କୁ ଛାଡ଼ପତ୍ର ଦେବା ପାଇଁ ଜିଲା ଜଜ୍ କୋର୍ଟରେ ଆବେଦନ କରିଥିଲେ। ଅଦାଲତ ଏହାକୁ ଅଗ୍ରାହ୍ୟ କରିବା ସହ ଭରଣ ପୋଷଣ ପାଇଁ ମାସିକ ୧୧ ହଜାର ଦେବାକୁ ଯୁବକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ସେ ଏହାକୁ ଅବମାନନା କରି ଅଦାଲତରେ ହାଜର ନ ହେବାରୁ ତାଙ୍କ ବିରୋଧରେ ସମନ ଜାରି ହୋଇଥିଲା। ପୋଲିସ କିନ୍ତୁ ଯୁବକଙ୍କୁ ଗିରଫ ନ କରିବା ନେଇ ସେ ଆପତ୍ତି ଉଠାଇଛନ୍ତି। ଯୁବକ ଜଣକ ଥାନା ନିକଟରେ ବୁଲୁଥିଲେ ବି ପୋଲିସର ନଜର କେମିତି ପଡୁନି ବୋଲି ସେ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ଧୁଷୁରୀ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ କହିଛନ୍ତି, ଏହି ମାମଲା ଏବେ କୋର୍ଟରେ ବିଚାରାଧୀନ ଅଛି। ଅଭିଯୁକ୍ତ ଧରାପଡ଼ିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଅରୁଣ ସଭାପତି, ପୂର୍ଣ୍ଣଚନ୍ଦ୍ର ସମ୍ପାଦକ



ଓକିଲ ସଂଘ ସଭାପତି, ସମ୍ପାଦକଙ୍କ ନୂତନ ଟିମ୍।

### ଭଦ୍ରକ ଓକିଲ ସଂଘ ନିର୍ବାଚନ

ଭଦ୍ରକ,୨୯।୩(ସନାତନ ରାଉତ)

ଭଦ୍ରକ ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ଫଳାଫଳ ଶନିବାର ରାତିରେ ପ୍ରକାଶ ପାଇଥିଲା। ସଭାପତି ଭାବେ ଅରୁଣ କୁମାର ଚାନ୍ଦ ଓ ସମ୍ପାଦକ ଭାବେ ପୂର୍ଣ୍ଣଚନ୍ଦ୍ର ମହାନ୍ତି ନିର୍ବାଚିତ ହୋଇଛନ୍ତି। ଭଦ୍ରକ ପୁରୁଣା କୋର୍ଟ ବାର୍ ଆସୋସିଏଶନ ହଲ୍‌ରେ ଭୋଟଗ୍ରହଣ ଚାଲିଥିଲା। ମୋଟ ୯୩୫ ଭୋଟରଙ୍କ ମଧ୍ୟରୁ ୮୦୯ଜଣ ମତଦାନ କରିଥିଲେ। ସଭାପତି ପଦ ପାଇଁ ଅରୁଣଙ୍କୁ ୪୪୨ ଖଣ୍ଡ ଭୋଟ୍ ମିଳିଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଶଶିଭୂଷଣ ପଣ୍ଡାଙ୍କୁ ୩୬୧ ଖଣ୍ଡ ଭୋଟ୍ ମିଳିଥିଲା। ସେହିପରି ସମ୍ପାଦକ ପଦ ପାଇଁ ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କୁ ୫୩୪ ଖଣ୍ଡ ଭୋଟ୍ ମିଳିଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପୂର୍ବତନ ସମ୍ପାଦକ ସୂର୍ଯ୍ୟକାନ୍ତ କୁଅଁରଙ୍କୁ ୨୬୮ଖଣ୍ଡ ଭୋଟ୍ ମିଳିଥିଲା। ଉପସଭାପତି ଭାବେ ବୁଦ୍ଧିରାମ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ରଞ୍ଜନ ପଣ୍ଡା, ସହସମ୍ପାଦକ ବିଶ୍ୱଜିତ ରାଉତ, ଲାଇବ୍ରେରୀ ସମ୍ପାଦକ କମଳିନୀ ନାୟକ ଓ କୋଷାଧ୍ୟକ୍ଷ ଭାବେ ସୁରେନ୍ଦ୍ର କର ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରିଣୀ ସଦସ୍ୟ ଭାବେ ବିଚିତ୍ର ଜେନା ନିର୍ବାଚିତ ହୋଇଥିବା ବେଳେ ମହିଳାଙ୍କ ପାଇଁ ସଂରକ୍ଷିତ ଥିବା ୨ ପଦ ପାଇଁ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ରୁକ୍ମଣୀ ଘଡ଼େଇ ଓ ଉଷାଶ୍ରୀ ବାରିକ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବୀ ପବନ ଶର୍ମା ଘୋଷଣା କରିଥିଲେ। ଆଇନଜୀବୀମାନଙ୍କ ସମ୍ମାନ ବଜାୟ ରଖିବା ସହ ଓକିଲ ସଂଘର ଐତିହ୍ୟ ବଜାୟ ରଖିବେ ବୋଲି ନବନିର୍ବାଚିତ ସଭାପତି ଓ ସମ୍ପାଦକ କହିଛନ୍ତି।

## 'ବାସ୍ତବଧର୍ମୀ ସାହିତ୍ୟ କାଳଜୟୀ ହୋଇଥାଏ'

ବାସୁଦେବପୁର,୨୯।୩ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ପରିସରରେ ରବିବାର ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ୧୫ତମ ବାର୍ଷିକ ଉତ୍ସବ, କବିତା ପାଠୋତ୍ସବ ଓ ସାରସ୍ୱତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ କବି ସେନାପତି ପ୍ରଦ୍ୟୁମ୍ନ କେଶରୀ ଯୋଗଦେଇ କହିଥିଲେ, ସାହିତ୍ୟ ରଚନା ବାସ୍ତବଧର୍ମୀ ହେବା ଆବଶ୍ୟକ। ସାହିତ୍ୟ ସମାଜକୁ ଠିକ୍ ମାର୍ଗଦର୍ଶନ ଦେଉଥିବା ବେଳେ ବାସ୍ତବଧର୍ମୀ ସାହିତ୍ୟ କାଳଜୟୀ ହୋଇ ରହିଥାଏ। ବରେଣ୍ୟ ଅତିଥି ପୂର୍ବତନ ପ୍ରଧାନଶିକ୍ଷକ ଦୁଃଶାସନ ରାଉତ, ଅନ୍ୟତମ ଅତିଥି ଭାବେ କବି ପ୍ରଶାନ୍ତ ଦାସ ଓ କବି ସରୋଜ ବଳ ଯୋଗ ଦେଇଥିଲେ। ତ୍ୟାଗଭୂମି ସମ୍ମେଳନର ସଭାପତି ଅଜୟ କୁମାର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ରଙ୍ଗରାଗର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ତାଙ୍କ ଲିଖିତ ପୁସ୍ତକ 'ଶୂନ୍ୟମଣ୍ଡପ' ଓ ଡ. ସୁରେନ୍ଦ୍ର ମହାନ୍ତିଙ୍କ ଲିଖିତ ପୁସ୍ତକ 'ବିବାଦୀୟ ବାବାମାତା' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଡ. ଶିରିଶ ଚନ୍ଦ୍ର ଜେନାଙ୍କୁ ରଙ୍ଗରାଗ ସାରସ୍ୱତ ସମ୍ବର୍ଦ୍ଧନା ଦିଆଯାଇଥିଲା। ରକ୍ଷକ ନାୟକ, ଡ. ନୃସିଂହ ଷଡ଼ଙ୍ଗୀ, ପ୍ରକାଶ କୁମାର ମହାପାତ୍ର, ଡ. ଅରବିନ୍ଦ ରାୟ, ବିପିନ ମହାନ୍ତି, ନର୍ମଦା ନିଳୋତ୍ପଳା, ଶ୍ରୀ ଗୋବିନ୍ଦ, ରମେଶ ଚନ୍ଦ୍ର ମହାରଣା, ଶ୍ୱେତା ରାଉତ, ପ୍ରୀତିପଦ୍ମା ଦାଶ, ଯାତ୍ରା ଅଭିନେତ୍ରୀ ଟୁନିଆ ମଲ୍ଲିକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ କବିତା ପାଠୋତ୍ସବରେରେ ଅତିଥି ଭାବେ କବି ଉମାକାନ୍ତ ରାଉତ, ଚିତ୍ତରଞ୍ଜନ ନାୟକ ଓ କବୟିତ୍ରୀ ନୀହାରିକା ରଥ ଯୋଗ ଦେଇଥିଲେ। କମଳ ଲୋଚନ ବେହେରା ସଂଯୋଜନା କରିଥିଲେ।



ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ବାର୍ଷିକୋତ୍ସବ ମଞ୍ଚରେ ପୁସ୍ତକ ଉନ୍ମୋଚନ କରାଯାଉଛି।

## ଶ୍ରୀରାମ ନବମୀ ମହୋତ୍ସବ ଉଦ୍‌ଯାପିତ



ମଞ୍ଚରେ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ବନ୍ତ,୨୯।୩(ହରିନାରାୟଣ ମହାନ୍ତି)

ବନ୍ତସ୍ଥିତ ମହୋତ୍ସବ ପଡ଼ିଆରେ ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଓ ହିନ୍ଦୁ ଜାଗରଣ ମଞ୍ଚ ବନ୍ତ ପ୍ରଖଣ୍ଡ ପକ୍ଷରୁ ଚାଲିଥିବା ଶ୍ରୀରାମ ନବମୀ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ରାଜ୍ୟ ଭାଜପାର ପୂର୍ବତନ ସଙ୍ଗଠନ ମନ୍ତ୍ରୀ ପଞ୍ଚାନନ ରାଉତ, ହରିଦ୍ୱାରରୁ ଆଗତ ପଣ୍ଡିତ ବାବା, ଅଚ୍ୟୁତାନନ୍ଦ ବାବା, ଶିକ୍ଷାବିତ୍ ଗୋବିନ୍ଦ ଚନ୍ଦ୍ର ବାରିକ, ଗଣେଶ ପ୍ରସାଦ କରଶର୍ମା, ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଶୁଭେନ୍ଦୁ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବହୁ ପ୍ରତିଭାଧାରୀ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେହିପରି ମହୋତ୍ସବରେ ୧ମ, ୨ୟ ଓ ୩ୟ ହୋଇଥିବା ୩ ମେଢ଼କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ରମାକାନ୍ତ ଜେନା ସଭା ମଞ୍ଚ ଓ ଶିକ୍ଷକ ସୁଧୀର କୁମାର ବାରିକ ସମ୍ବର୍ଦ୍ଧନା ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସମିତିସଭ୍ୟ ପରମେଶ୍ୱର ବାରିକ, ଶ୍ରୀରାମ ନବମୀ ମହୋତ୍ସବ କମିଟି ସଭାପତି ଲମ୍ବୋଦର ପଣ୍ଡା, ସମ୍ପାଦକ ତଥା ବିଶ୍ୱ ହିନ୍ଦୁ ପରିଷଦ ବନ୍ତ ପ୍ରଖଣ୍ଡର ସଭାପତି ଫାଲ୍‌ଗୁନି ରାଉତ, ସହସମ୍ପାଦକ ଅଶୋକ ବେହେରା, ବଜରଙ୍ଗ ଦଳର ବନ୍ତ ପ୍ରମୁଖ ସୂରଜ ଶେଖର ଗୋସ୍ୱାମୀ, ଛାତ୍ର ପ୍ରମୁଖ ଜୟଦେବ ମହାରାଜ, ହିନ୍ଦୁ ଜାଗରଣ ମଞ୍ଚର କର୍ମକର୍ତ୍ତା ମଳୟ ପଣ୍ଡା, ବିବେକ ଜେନା, ଗୋରକ୍ଷା ପ୍ରମୁଖ କ୍ଷୀରୋଦ ନାୟକଙ୍କ ସମେତ ସମସ୍ତ ସଦସ୍ୟ ଏବଂ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା ସହଯୋଗ କରିଥିଲେ।

## ନିରନ୍ତର ଉଦ୍ୟମ ସଫଳତା ଆଣିଦିଏ

ବାସୁଦେବପୁର,୨୯।୩ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ନରସିଂହପୁର ସରକାରୀ ଉ.ପ୍ରା. ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ର ଶୃଙ୍ଖଳିତ ହେବା ସହ ଭଲ ମଣିଷ ହୋଇପାରିଲେ ଶିକ୍ଷାର ମୌଳିକ ଲକ୍ଷ୍ୟ ପୂରଣ ହେବ। ନିରନ୍ତର ଉଦ୍ୟମ ଛାତ୍ରୀଛାତ୍ରଙ୍କୁ ସଫଳତା ଆଣି ଦେଇଥାଏ। ମୁଖ୍ୟବକ୍ତା ଚାନ୍ଦିପୁର ଆଇଟିଆର୍‌ର ସୁବୋଧ କୁମାର ନାୟକ, ଅନ୍ୟତମ ଅତିଥି ଭାବେ ସିଆର୍‌ସିସି ପ୍ରଶାନ୍ତ କୁମାର ନାୟକ, ଏସ୍‌ଏମ୍‌ସି ସଭାପତି ଅଜୟ ପଣ୍ଡା, କବି ରତ୍ନାକର ପଣ୍ଡା, ହାଇସ୍କୁଲର ପ୍ରଧାନଶିକ୍ଷକ ରମାକାନ୍ତ ଷଣ୍ଢ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦିବାକର ନାୟକ, ବସନ୍ତ ବେହେରା, ଜଗବନ୍ଧୁ ଜେନା ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶାନ୍ତିଲତା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୟାଧର ମହାପାତ୍ର ସଭାରେ ସଭାପତିତ୍ୱ କରିଥିବା ବେଳେ ସସ୍ମିତା ବାରିକ ଅତିଥି ପରିଚୟ ଦେଇଥିଲେ। ଦୟାନିଧି ପଲେଇ, ରମାକାନ୍ତ ଦଳେଇ, ଆରତିଲତା ନାୟକ, ଶ୍ରୀଧର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ଚାନ୍ଦବାଲିରେ ବନାଗ୍ନି ସଚେତନତା

ଚାନ୍ଦବାଲି,୨୯।୩(କିଷାନ ପାତ୍ର)

ଚାନ୍ଦବାଲି ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ରବିବାର ଚାନ୍ଦବାଲି ଏନ୍‌ଏସି ଅଧୀନ ଦେଉଳିଗାଁରେ ବନାଗ୍ନି ନିର୍ବାପନ, ନିରାକରଣ ସମ୍ପର୍କରେ ସ୍ଥାନୀୟ ଗ୍ରାମବାସୀଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାରିଷଦ ବାସନ୍ତୀଲତା ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବନ ସୁରକ୍ଷା ଓ ବନାଗ୍ନି ନିୟନ୍ତ୍ରଣର ଆବଶ୍ୟକତା ଉପରେ କହିଥିଲେ। ବନାଗ୍ନି ଦ୍ୱାରା ସୃଷ୍ଟି ହେଉଥିବା ବିପଦ ସମ୍ପର୍କରେ ସେ ଲୋକଙ୍କୁ ଅବଗତ କରାଇ ଅଗ୍ନି ସଂଯୋଗଜନିତ ଦୁର୍ଘଟଣା ରୋକିବାକୁ ଆହ୍ୱାନ ଦେଇଥିଲେ। ଏହାସହ ବାୟୁମଣ୍ଡଳ ପ୍ରଦୂଷଣ ରୋକିବା ପାଇଁ ସତର୍କତା ଅବଲମ୍ବନ କରିବାକୁ ସେ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଛନ୍ତି। ବନପାଳ ସୂର୍ଯ୍ୟକାନ୍ତ ପଣ୍ଡା ଧାନ କ୍ଷେତରେ ନଡ଼ା ବା ପାଳ ଜଳାଇବାର କୁପ୍ରଭାବ ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। ବନରକ୍ଷୀ ରଶ୍ମିତା ସାହୁ ମଧ୍ୟ ଗ୍ରାମବାସୀଙ୍କୁ ବନ ଅଞ୍ଚଳରେ ଅଗ୍ନି ସଂଯୋଗ ନ କରିବାକୁ ଅନୁରୋଧ କରିଥିଲେ। ସୁଧାକର ରାଉତ, ପ୍ରଭାକର ରାଉଳ, ହରିଶ୍ଚନ୍ଦ୍ର ମଲ୍ଲିକ, ଅଜୟ ନାୟକ, ବିଦ୍ୟାଧର ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଓଡ଼ିଶା ଦିବସରେ ହେବ ସାମୂହିକ 'ବନ୍ଦେ ଉତ୍କଳ ଜନନୀ' ଗାନ

ଭଦ୍ରକ,୨୯।୩(ସନାତନ ରାଉତ)

ଚଳିତବର୍ଷ ଓଡ଼ିଶା ଦିବସରେ ଭଦ୍ରକ ଜିଲା ପ୍ରଶାସନ ଏବଂ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ସକାଳ ୭ଟାରେ ସାମୂହିକ ଭାବେ ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯିବ। ଓଡ଼ିଶା ଦିବସ ପାଳନ ନେଇ ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟରେ ରବିବାର ସନ୍ଧ୍ୟା ୬ଟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ସୂଚନା ଦିଆଯାଇଛି। ଭଦ୍ରକ ସହରସ୍ଥିତ ନେହେରୁ ଷ୍ଟାଡିୟମ୍‌ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଜନସାଧାରଣଙ୍କୁ ଉପସ୍ଥିତ ରହିବାକୁ ମନ୍ତ୍ରୀ ସୂର୍ଯ୍ୟବଂଶୀ ନିବେଦନ କରିଛନ୍ତି। ଏଥିସହ 'ବନ୍ଦେ ଉତ୍କଳ ଜନନୀ'ର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଦାୟାଦଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ମନ୍ତ୍ରୀ କହିଛନ୍ତି।

## ସହଯୋଗ ପାଇଁ ଧନ୍ୟବାଦ ଜଣାଇଲା ଶ୍ରୀରାମ ମହାଯଜ୍ଞ ସମିତି

ଭଦ୍ରକ,୨୯।୩(ସନାତନ ରାଉତ/ରବିନାରାୟଣ ଖିଲାର)

ଚଳିତବର୍ଷ ଭଦ୍ରକର ଶ୍ରୀରାମ ନବମୀ ମହୋତ୍ସବ ୩୬ ବର୍ଷରେ ପଦାର୍ପଣ କରିଥିବା ବେଳେ ଶୁକ୍ରବାର ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଥିଲା। ମାତୃଭୂମି ପାଇଁ ଗଣଦୌଡ଼ଠାରୁ ଆରମ୍ଭ କରି ଗୋ ମାତା ଓ ସାଧୁସନ୍ଥ ପୂଜନ, ବାଇକ୍ ଶୋଭାଯାତ୍ରା, ବାଲ୍ ବଜରଙ୍ଗୀ ସାଇକେଲ ଶୋଭାଯାତ୍ରା, ୭ ଦିନ ବ୍ୟାପୀ ଗାନ୍ଧୀପଡ଼ିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଆଜ୍ଞାମାଳ ଯାତ୍ରା, ମହିଳା କଳସ ଶୋଭାଯାତ୍ରା, ୩ଦିନ ବ୍ୟାପୀ ମହାଯଜ୍ଞ, ୧୦୮ ଅଖଣ୍ଡ ହନୁମାନ ଚାଳିଶା ପାଠ ଏବଂ ନଗର ସଂକୀର୍ତ୍ତନ ଶୋଭାଯାତ୍ରା ସଫଳତାର ସହ ଶେଷ ହୋଇଥିଲା। ଶ୍ରୀରାମ ମହାଯଜ୍ଞ ସମିତିର କାର୍ଯ୍ୟକର୍ତ୍ତାମାନଙ୍କ ତ୍ୟାଗ, ସମର୍ପଣ ଓ ପ୍ରଚେଷ୍ଟାରେ ପ୍ରତିଟି କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନ ହୋଇଛି। ସମସ୍ତ ମେଢ଼ କମିଟି, ଜିଲା ପ୍ରଶାସନ, ପୋଲିସ ପ୍ରଶାସନ, ଗଣମାଧ୍ୟମ, ସାମାଜିକ ସଙ୍ଗଠନ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ଭଦ୍ରକ ପୌରପାଳିକା ଓ ସଫେଇ କର୍ମଚାରୀ ପ୍ରମୁଖ ସମସ୍ତଙ୍କ ସହଯୋଗ ପାଇଁ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ରବିବାର ଧନ୍ୟବାଦ ଜଣାଯାଇଛି।

## ଅନନ୍ତକେଶରୀ ଉ.ପ୍ରା. ବିଦ୍ୟାଳୟର ବାର୍ଷିକୋତ୍ସବ

ଧାମନଗର,୨୯।୩ (ଦୀନକୃଷ୍ଣ ମହାପାତ୍ର)

ଧାମନଗର ଏନ୍‌ଏସି ଅଧୀନ ଜୟନଗରସ୍ଥିତ ଅନନ୍ତକେଶରୀ ଉ.ପ୍ରା. ବିଦ୍ୟାଳୟର ବାର୍ଷିକୋତ୍ସବ ଏବଂ ନୃତ୍ୟ ସଙ୍ଗୀତ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାବଗ୍ରାହୀ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ଅତିଥିମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ଉଦ୍‌ଘାଟନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସତ୍ୟସୁନ୍ଦର ପରିଡ଼ା, ମୁଖ୍ୟବକ୍ତା ପୂର୍ବତନ ସିଆର୍‌ସିସି ରାମଚନ୍ଦ୍ର ସାହୁ, ଅନ୍ୟତମ ଅତିଥି ଭାବେ ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର, ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀଚରଣ ମଲ୍ଲିକ, ନିଖିଳ ଉତ୍କଳ ଶିକ୍ଷକ ଫେଡେରେଶନର ବ୍ଲକ ସଭାପତି ସୁରେନ୍ଦ୍ର ସେଠୀ, ପୂର୍ବତନ ସିଆର୍‌ସିସି ପ୍ରତିଭା ମହାନ୍ତି, ପୂର୍ବତନ ପ୍ରଧାନଶିକ୍ଷକ ଘନଶ୍ୟାମ ଥାଟୋଇ, ଅନିତା ବେହେରା, ଉପେନ୍ଦ୍ର କୁମାର ବିଶ୍ୱାଳ, ଭାଜପା ନେତା ପ୍ରଶାନ୍ତ ପରିଡ଼ା, କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ବର୍ଗରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଧାନଶିକ୍ଷକ ମନୋଜ ସିଂହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷକ ହବିବୁର କରିମ, ସହକାରୀ ଶିକ୍ଷକ ପରମାନନ୍ଦ ବେହେରା, ଦୀପକ ନାୟକ ପ୍ରମୁଖ ସହଯୋଗ କରିଥିଲେ।



ଚାଷୀମାନେ ଧାନବସ୍ତା ରଖି ଭଣ୍ଡାରିପୋଖରୀ-ମଣିନାଥପୁର ରାସ୍ତା ଅବରୋଧ କରିଛନ୍ତି।

## ଶୋଭାଯାତ୍ରାରେ ପାହିଲା ରାତି

### ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ

ତିହିଡ଼ି,୨୯।୩(ସଞ୍ଜିତ ବଳ)

ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ଶୋଭାଯାତ୍ରାରେ ରାତି ପାହିଲା। ଶନିବାର ରାତିରେ ବିଭିନ୍ନ ଅଞ୍ଚଳରୁ ଶୋଭାଯାତ୍ରାରେ ବାହାରିଥିବା ପ୍ରଜ୍ଞାପନ ମେଢ଼ ତିହିଡ଼ିସ୍ଥିତ ରାମ ମନ୍ଦିର ନିକଟରେ ପହଞ୍ଚିବା ବେଳକୁ ସକାଳ ହୋଇଯାଇଥିଲା। ତିହିଡ଼ି ଶ୍ରୀରାମ ନବମୀ ସମିତି ପକ୍ଷରୁ ଆୟୋଜିତ ଏହି ମହୋତ୍ସବରେ ୫୨ଟି ପ୍ରଜ୍ଞାପନ ମେଢ଼ ସାମିଲ ହୋଇଥିଲା। ରାତି ୮ଟାରେ ଥାନପତି ଭାବେ ପ୍ରଥମେ ତିହିଡ଼ି ଗ୍ରାମରୁ ଶ୍ରୀରାମଙ୍କ ସୁସଜ୍ଜିତ ପ୍ରଜ୍ଞାପନ ମେଢ଼ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରାଯାଇଥିଲା। ପରେ ବ୍ଲକ ଅଧୀନ ବିଭିନ୍ନ ଗ୍ରାମରୁ ପ୍ରଜ୍ଞାପନ ମେଢ଼ରେ ଶ୍ରୀରାମଙ୍କ ମୂର୍ତ୍ତି ସ୍ଥାପନ କରାଯାଇ ଶୋଭାଯାତ୍ରା ବାହାରିଥିଲା। 'ଜୟ ଶ୍ରୀରାମ' ଧ୍ୱନିରେ ତିହିଡ଼ି ଓ ଏହାର



ଥାନପତି ଭାବେ ତିହିଡ଼ି ଗ୍ରାମର ଶ୍ରୀରାମଙ୍କ ମୃଣ୍ମୟ ମୂର୍ତ୍ତିକୁ ଶୋଭାଯାତ୍ରାରେ ନିଆଯାଉଛି।

ଆଖପାଖ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ପାରମ୍ପରିକ ବାଦ୍ୟ ଶୋଭାଯାତ୍ରାରେ ମଙ୍ଗରାଜପୁର ଗ୍ରାମରୁ ବାହାରିଥିବା ପ୍ରଥମ ମେଢ଼ ଭାବେ ଶ୍ରୀରାମଙ୍କ ମନ୍ଦିରରେ ପହଞ୍ଚିଥିଲା। ପରେ ଅନ୍ୟ ମେଢ଼ ସବୁ ଶୋଭାଯାତ୍ରାରେ ମନ୍ଦିରରେ ପହଞ୍ଚିଥିଲା

ଶନିବାର ସକାଳେ ଶ୍ରୀରାମଙ୍କ ମନ୍ଦିରରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସହ ରାମାୟଣ ପାଠ କରାଯାଇଥିଲା। ଅପରାହ୍ନରେ ଶ୍ରୀରାମଙ୍କ ମୂର୍ତ୍ତିକୁ ମନ୍ଦିର ନିକଟରୁ ଶୋଭାଯାତ୍ରାରେ ନିଆଯାଇ ବଜାର ପରିକ୍ରମା କରାଯାଇଥିଲା। ପରେ ସେହି ମୂର୍ତ୍ତିକୁ ମନ୍ଦିର ପ୍ରବେଶ ପଥ ଆରମ୍ଭରେ ସ୍ଥାପନ କରାଯାଇଥିଲା। ପ୍ରଜ୍ଞାପନ ମେଢ଼ ସବୁ ଶ୍ରୀରାମଙ୍କୁ ଦର୍ଶନ କରି ମନ୍ଦିର ଦିଗରେ ଅଗ୍ରସର ହୋଇଥିଲେ। ଏହି ଉତ୍ସବ ଅବସରରେ ମନ୍ଦିର ନିକଟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ସନ୍ଧ୍ୟାରେ ମନ୍ଦିର ନିକଟରେ ସମିତି କର୍ମକର୍ତ୍ତା ବିଶ୍ୱଜିତ ବେହେରାଙ୍କ ସଞ୍ଚାଳନରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, କଥାକାର ପବିତ୍ର ପାଣିଗ୍ରାହୀ, ନାଟ୍ୟକାର ଚନ୍ଦ୍ରକାନ୍ତ ମହାନ୍ତି, ଭଦ୍ରକ ସାଂସ୍କୃତିକ ସମ୍ମେଳନ ସଭାପତି ଅଜୟ ନାୟକ, ଡ. ଲକ୍ଷ୍ମୀଧର ତ୍ରିପାଠୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଶ୍ରୀରାମ ବିଜୟା ଦଶମୀ ମହୋତ୍ସବରେ ଉଚ୍ଚଶିକ୍ଷା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭାଜପା ବରିଷ୍ଠ ନେତା ଦୀନବନ୍ଧୁ ପତି, ସରପଞ୍ଚ କୁନ୍ତଳା ମଲିକ ପ୍ରମୁଖ ଯୋଗ ଦେଇଥିଲେ। ଏସ୍‌ପି ମନୋଜ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ, ତିହିଡ଼ି ଥାନା ଏସ୍‌ଆଇ, ଏଏସ୍‌ଆଇ ଓ ପୋଲିସ ଫୋର୍ସ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ରଘୁନାଥ ପାତ୍ର, ଏମ୍‌ପିଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ଶ୍ରୀରାମ ନବମୀ ସମିତି ସଭାପତି କିଶୋର ନାୟକ, ସମ୍ପାଦକ ଯଯାତି କେଶରୀ ଦାସଙ୍କ ସମେତ କର୍ମକର୍ତ୍ତା ପରିଚାଳନା କରିଥିଲେ।

# ‘ଶିକ୍ଷକଙ୍କ ସେବା, ତ୍ୟାଗପୂତ କର୍ମଶୈଳୀ ପ୍ରଶଂସନୀୟ’



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘର ଜିଲାସ୍ତରୀୟ ବାର୍ଷିକ ସମ୍ମିଳନୀ

ବାରିପଦା,୨୯।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ପ୍ରୟାସ ସମ୍ମିଳନୀ କକ୍ଷରେ ରବିବାର ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ ମୟୂରଭଞ୍ଜ ଶାଖାର ଜିଲାସ୍ତରୀୟ ବାର୍ଷିକ ସମ୍ମିଳନୀ ତଥା ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଚିତ୍ତରଞ୍ଜନ ପ୍ରତିହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ମୁଖ୍ୟବକ୍ତା ସ୍ୱପ୍ନେଶ୍ୱର ସାହୁ, ସମ୍ମାନୀତ ଅତିଥି ଭାବେ ରାଜ୍ୟ ସଂଘ ସମ୍ପାଦକ ବିଜୟ କୁମାର ରଥ , ମୟୂରଭଞ୍ଜ ଜୋନାଲ ସମ୍ପାଦକ ପ୍ରଶାନ୍ତ କୁମାର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗୀୟ ଶିକ୍ଷକମାନଙ୍କର ସେବା, ନିଷ୍ଠା ଓ ତ୍ୟାଗପୂତ କର୍ମଶୈଳୀକୁ ଭୂୟସୀ ପ୍ରଶଂସା କରିବା ସହିତ ଜନଜାତି ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶରେ ବ୍ରତୀ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଶିକ୍ଷକ ମାନେ ଅସାଧାରଣ। ସମାଜ ଗଠନରେ ଶିକ୍ଷକମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏତଦ ବ୍ୟତୀତ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ନିଶ୍ଚିତ କରାଯିବ ବୋଲି ମନ୍ତ୍ରୀ ମହାପାତ୍ର ପ୍ରକାଶ କରିଥିଲେ। ଜିଲା ସଂଘ ସମ୍ପାଦକ ଧ୍ରୁବଚରଣ ମୁର୍ମୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ୩୦ ଜଣ ଅବସରପ୍ରାପ୍ତ ବିଭାଗୀୟ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଦୀପକ କୁମାର ଦଣ୍ଡପାଟ ଧନ୍ୟବାଦ ଅର୍ପଣ କରିଥିଲେ।

ଦ୍ୱିତୀୟ ଭାଗରେ ସଂଘର ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନ ପରିଚାଳନାପାଇଁ ରାଜ୍ୟ ସଂଘର ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ପ୍ରଧାନ ଶିକ୍ଷକ ନିକୁଞ୍ଜ ବିହାରୀ ରଣା ନିଯୁକ୍ତ ହୋଇଥିଲେ। ସଂଘର ବିଭିନ୍ନ ପଦପଦବୀପାଇଁ ମୋଟ ୧୬ ଜଣ ପ୍ରତିଦ୍ୱନ୍ଦ୍ୱୀ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ୩୦୬ ଶିକ୍ଷକ ଶିକ୍ଷୟିତ୍ରୀ ଭୋଟଦାନ କରିଥିଲେ। ସଭାପତି ଭାବେ ଉର୍ମିଳ ଦାସ, ଉପ ସଭାପତି ସୂର୍ଯ୍ୟନାରାୟଣ ଦେବପାତ୍ର, ସାଧାରଣ ସମ୍ପାଦକ ଦୀପକ କୁମାର ସେଠୀ, ଯୁଗ୍ମ ସମ୍ପାଦକ ଅଶ୍ୱିନୀ କୁମାର ବେହେରା, କୋଷାଧ୍ୟକ୍ଷ ମାନସ କୁମାର ତ୍ରିପାଠୀ, ଅଡିଟର ରାକେଶ ଜେନା, ମହିଳା ପ୍ରତିନିଧି ତେଜସ୍ୱିନୀ ନାୟକ, ସଂଗଠନ ସମ୍ପାଦକ ରଞ୍ଜନ କୁମାର ପ୍ରଧାନ ପ୍ରମୁଖ ନିର୍ବାଚିତ ହୋଇଥିଲେ। ସଂଘର ପୂର୍ବତନ ସଭାପତି ଚିତ୍ତରଞ୍ଜନ ପ୍ରତିହାରୀ ନବ ନିର୍ବାଚିତ ପ୍ରତିନିଧିଙ୍କୁ ଶପଥ ପାଠ କରାଇଥିଲେ। ଶିକ୍ଷକ ପଦ୍ମଲୋଚନ ଆଚାର୍ଯ୍ୟ, ଉମା ଦେ, ରଶ୍ମିତା ଜେନା, ବିଜୟ କୁମାର ନାଏକ, ପ୍ରଦୀପ କୁମାର ଭୂୟାଁ, ସୁପ୍ରଭା ବେରା , ତେଜସ୍ୱିନୀ ନାୟକ , ରଜତ କୁମାର ଦାଶ ଓ ମୌସୁମୀ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୧୨୩ କେଜି ଶମ୍ବର ମାଂସ ଜବତ

## ୪ ଶିକାରୀ କୋର୍ଟ ଚାଲାଣ

ଠାକୁରମୁଣ୍ଡା,୨୯।୩
(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବନ୍ୟପ୍ରାଣୀ ରେଞ୍ଜ ଅଞ୍ଚଳରୁ ବନ ବିଭାଗ ୧୨୩ କେଜି ଶମ୍ବର ମାଂସ ଜବତ କରିବା ସହ ୪ ଶିକାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଠାକୁରମୁଣ୍ଡା ବ୍ଲକ ହାତୀଗୋଡ଼ା ଗ୍ରାମପଞ୍ଚାୟତ ଅଧୀନ ଅସନକୁଦର ମାହାଲିସାହିର ବିକ୍ରମ ମାହାଲି, ଅର୍ଜୁନ ମାହାଲି, ସୁନୀଲ ମାହାଲି ଏବଂ ରାଣୀଭୋଳ ଗ୍ରାମର ଦେରେଗା ଡାଙ୍ଗିଲ ।

ସୂଚନା ଅନୁଯାୟୀ, ଗତ ୨୬ ତାରିଖ ସନ୍ଧ୍ୟାରେ ଶିମିଳିପାଳ ଜଙ୍ଗଲରେ ଶମ୍ବର ଶିକାର ହୋଇଥିବା ଖବର ମିଳିଥିଲା। ଏସିଏଫ୍ ଓ ଠାକୁରମୁଣ୍ଡା ବନ୍ୟପ୍ରାଣୀ ରେଞ୍ଜ ଅଧିକାରୀଙ୍କ ନେତୃତ୍ୱରେ କର୍ମଚାରୀମାନେ ଚଢ଼ାଉ କରିଥିଲେ। ଶିମିଳିପାଳ ସଂଲଗ୍ନ କମ୍ପାର୍ଟମେଣ୍ଟ ନଂ. ୮ରୁ ୨ ଜଣ ଶିକାରୀ ଜଙ୍ଗଲ ଭିତରୁ ଫେରୁଥିଲା ବେଳେ ବନ କର୍ମଚାରୀମାନେ ସେମାନଙ୍କୁ ଅଟକାଇଥିଲେ। ଯାଞ୍ଚ ପରେ ସେମାନଙ୍କ ନିକଟରୁ ଶମ୍ବର ମାଂସ ମିଳିଥିଲା। ଘଟଣାସ୍ଥଳରୁ ଜଣେ ଶିକାରୀ ଚମ୍ପଟ ମାରିଥିବାବେଳେ ବନ କର୍ମଚାରୀମାନେ ଅନ୍ୟ ଜଣଙ୍କୁ କାବୁ କରିଥିଲେ। ତଦନ୍ତ ପରେ ଘଟଣାରେ ସମ୍ପୃକ୍ତ ଆଉ ୩ ଜଣଙ୍କୁ ବନ ବିଭାଗ ଗିରଫ କରିଛି। ସେମାନଙ୍କ ନିକଟରୁ ମୋଟ ୧୨୩ କେଜି ଶମ୍ବର ମାଂସ ଓ ଦୁଇଟି ରକ୍ତଭିଜା କୁରାଢ଼ି ଜବତ କରାଯାଇଛି। ଏ ସଂକ୍ରାନ୍ତରେ ଠାକୁରମୁଣ୍ଡା ବନ୍ୟ ପ୍ରାଣୀ ରେଞ୍ଜ ପକ୍ଷରୁ ଏକ ମାମଲା(ନଂ.୫/୨୬) ରୁଜୁ ହୋଇଛି।

# ଭାଲୁ ଆକ୍ରମଣରେ ୩ ଗୁରୁତର



ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ୨ ଗୁରୁତର।

ଉଦଳା,୨୯।୩
(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା କପ୍ତିପଦା ବନାଞ୍ଚଳ ତାଳଗଡ଼ି ଗ୍ରାମରେ ଭାଲୁ ଆତଙ୍କ ଦେଖାଦେଇଛି। ଶୌଚ ପାଇଁ ଯାଇଥିବା ୩ ଜଣ ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ରବିବାର ସକାଳ ୭ଟା ସମୟରେ ଏକ ଭାଲୁ ତାଳଗଡ଼ି ଗାଁ ଭିତରକୁ ପଶି ଆସିଥିଲା। ଏହି ସମୟରେ ଶୌଚ ନିମନ୍ତେ ଯାଇଥିବା ରାନୀ ନାଏକ ଏବଂ ସୁମତ ଖଣ୍ଡେଇଙ୍କୁ ହଠାତ୍ ଭାଲୁ ଆକ୍ରମଣ କରିଥିଲା। ରାନୀଙ୍କ ମୁହଁକୁ ଭାଲୁ ଖଣ୍ଡିଆ କରି ପକାଇଥିବା ବେଳେ ସୁମତଙ୍କ ଗୋଡ଼କୁ କାମୁଡ଼ି ଦେଇଛି। ସେହିପରି ନଦୀ ନିକଟରେ ଥିବା କମଳାକାନ୍ତ ନାଏକଙ୍କୁ ମଧ୍ୟ ଆକ୍ରମଣ କରି ଗୁରୁତର କରିଛି। ଚିତ୍କାର ଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରିଥିଲେ। ଗ୍ରାମବାସୀ ଘଉଡ଼ାଇବାରୁ ଭାଲୁଟି ନିକଟସ୍ଥ ହୁଡ଼ିକୁ ଚାଲିଯାଇଥିବା ସୂଚନା ମିଳିଛି।



ନିଆଁ ଲାଗି ଜଳୁଥିବା କଣ୍ଟେନର।

# ଜଳିଗଲା କଣ୍ଟେନର

## ଅଳ୍ପକେ ବର୍ତ୍ତିଲେ ଚାଳକ ଓ ଖଲାସୀ

ବାରିପଦା/ ବେତନଟୀ (ନୀଳାଦ୍ରି ବିହାରୀ ଦଣ୍ଡପାଟ/ଧରଣୀଧର ମହାନ୍ତି),୨୯।୩

ମୟୂରଭଞ୍ଜ ଜିଲା ୧୮ନଂ. ଜାତୀୟ ରାଜପଥ ବେତନଟୀ ଅଞ୍ଚଳର ତୁଳସୀଚଉରା ଚେକ୍ ଗେଟ ନିକଟରେ ରବିବାର ଏକ କଣ୍ଟେନର ଆକସ୍ମିକ ଭାବେ ଜଳିଯାଇଛି । କ୍ୟାବିନରୁ ନିଆଁ ଓ ଧୂଆଁ ଦେଖି ଚାଳକ ରାସ୍ତା ପାର୍ଶ୍ୱରେ ଗାଡ଼ି ଅଟକାଇ ଖଲାସୀ ସହ ତଳକୁ ଆସିଥିଲେ। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଦମକଳ ବାହିନୀକୁ ଖବର ଦେଇଥିଲେ ହେଁ ଟ୍ରକ୍‌ର କ୍ୟାବିନ ସମ୍ପୂର୍ଣ୍ଣ ଭାବେ ଜଳି ଯାଇଥିଲା। ଟ୍ରକ୍‌ଟି ପ୍ଲାଷ୍ଟିକ ପାଇପ୍ ବୋଝେଇ କରି ବେଙ୍ଗାଲୁରରୁ ରାଞ୍ଚି ପର୍ଯ୍ୟନ୍ତ ଯାଉଥିଲା । ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନାହିଁ। ବେତନଟୀ ପୋଲିସ ତଦନ୍ତ ଜାରି ରଖିଛି।

# ବିଦ୍ୟାଳୟକୁ ପୁସ୍ତକ ପ୍ରଦାନ

ବାରିପଦା,୨୯।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୫ ନଂ. ୱାର୍ଡସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଠାଗାରକୁ ନିଜ ଲିଖିତ ୫୦ଖଣ୍ଡ ଶିଶୁ କବିତା ପୁସ୍ତକ ‘କଅଁଳ କଢ଼ି’ ଦାନ କରିଛନ୍ତି କବି, ଗାଳ୍ପିକା ସୁଚରିତା ମହାନ୍ତି। ସେ ଏହି ପୁସ୍ତକ ପ୍ରଦାନ କରି ଛାତ୍ରୀଛାତ୍ରମାନଙ୍କୁ ବହି ପଢିବା ପାଇଁ ଉତ୍ସାହିତ କରିଛନ୍ତି। ଛୋଟ ଛୋଟ ପିଲାମାନେ କଅଁଳ କଢ଼ି ସଦୃଶ୍ୟ। ସେମାନେ କିପରି ପାଠପଢ଼ାରେ ମନଦେଇ ଭବିଷ୍ୟତରେ ସମସ୍ତଙ୍କ ପାଇଁ ଆଦର୍ଶ ପାଲଟିବେ ସେ ବିଷୟରେ ମହାନ୍ତି ପିଲାମାନଙ୍କୁ ବୁଝାଇଥିଲେ। ଅତି ଅଳ୍ପ ବୟସରୁ ପିଲାମାନେ ମୋବାଇଲ ସହିତ ଏତେମାତ୍ରାରେ ଜଡିତ ହୋଇଯାଇଛନ୍ତି ଯେ, ସେମାନେ ବହି ପଢିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ତେଣୁ ପିଲାମାନଙ୍କୁ ମୋବାଇଲଠାରୁ ଦୂରେଇରଖିବା ସହ କବିତା ଓ ଗଳ୍ପ ବହି ପଢିବା ପାଇଁ ଉତ୍ସାହିତ କରିବାକୁ ସେ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକମାନଙ୍କୁ ଅନୁରୋଧ କରିଥିଲେ। ବହିର ବିକଳ୍ପ କେବେ ମୋବାଇଲ ହୋଇପାରିବ ନାହିଁ ବୋଲି ସେ ପ୍ରକାଶ କରିଥିଲେ। ପ୍ରକାଶ ଥାଉକି, ପୂର୍ବବର୍ଷ ମାନଙ୍କରେ ସେ ନିଜ ଉଦ୍ୟମରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ଫଳ ଓ ଫୁଲ ଗଛ ଲଗାଇ ଛାତ୍ରୀଛାତ୍ରମାନଙ୍କୁ ସେଗୁଡିକର ଯତ୍ନ ନେବା ପାଇଁ ମଧ୍ୟ ଉତ୍ସାହିତ କରିଥିଲେ। ହଷ୍ଟେଲରେ ରହି ପଢୁଥିବା ଗରିବ ମେଧାବୀ ଛାତ୍ର ମାନସ ନାୟକ ଜାତୀୟସ୍ତରୀୟ ଖେଳରେ ଅଂଶଗ୍ରହଣ କରି ଫେରିବା ପରେ ତାଙ୍କୁ ସେ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରି ଉତ୍ସାହିତ କରିଥିଲେ। ବିଦ୍ୟାଳୟ ପାଇଁ ତାଙ୍କର ଏହି ଦାନକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ, ବରିଷ୍ଠ ଶିକ୍ଷକ ସୋମନାଥ ସିଂହ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବେଶ ପ୍ରଶଂସା କରିବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି।




ପୁସ୍ତକ ସହ ଛାତ୍ରୀଛାତ୍ରମାନେ।

# ହସ୍ତକଳା ପ୍ରଦର୍ଶନୀ

ବାରିପଦା,୨୯।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର ସ୍ନାତକୋତ୍ତର ଗୃହ ବିଜ୍ଞାନ ବିଭାଗ ତରଫରୁ ଏକ ହସ୍ତକଳା ପ୍ରଦର୍ଶନୀ ମହାବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ସାଗରିକା ସିଂହ ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରି ଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ଘରକରଣା ସାମଗ୍ରୀ, ପ୍ରସାଧନ, ଖେଳନା ଓ ସୌନ୍ଦର୍ଯ୍ୟକରଣ ସାମଗ୍ରୀ ଆଦିକୁ ଦେଖିବା ସହିତ ଛାତ୍ରୀମାନଙ୍କର କଳା ପ୍ରତିଭାକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ପ୍ରଦର୍ଶନୀରେ ପ୍ରଦର୍ଶିତ ସାମଗ୍ରୀଗୁଡ଼ିକୁ ଛାତ୍ରୀ ଓ ଅଧ୍ୟାପିକା ଅଧ୍ୟାପକ ତଥା କର୍ମଚାରୀମାନେ ବୁଲି ଦେଖିବା ସହିତ ନିଜ ପସନ୍ଦଯୋଗ୍ୟ ସାମଗ୍ରୀଗୁଡିକୁ କ୍ରୟ କରିଥିଲେ। ଏଥିରେ ପ୍ରଦର୍ଶିତ ସାମଗ୍ରୀଗୁଡ଼ିକୁ ବିଭାଗର ଉଭୟ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା। ଗୃହ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଡ.ଦେବସ୍ମିତା ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ବଲମଦିନା ଟେଟେ, ସତ୍ୟବତୀ ଦାସ, ପ୍ରଭାସିନୀ ଖୁଣ୍ଟିଆ, ଶୁଭ୍ରାନ୍ତି ରେଖା ରାୟ, ଅନୁଜା ସାହୁ ପ୍ରମୁଖ ଅଧ୍ୟାପିକାମାନେ ପରିଚାଳନା କରିଥିଲେ। ଏତଦ୍‌ବ୍ୟତୀତ ଏକ ଖାଦ୍ୟ ପ୍ରଦର୍ଶନୀର ମଧ୍ୟ ଆୟୋଜନ କରାଯାଇଥିଲା।

# ମା’ବାସୁଳି ଏକାଦଶ ଚାମ୍ପିୟନ

## ଦିଗଧର ପ୍ରିମିୟର ଲିଗ୍ କ୍ରିକେଟ

ଠାକୁରମୁଣ୍ଡା,୨୯।୩ (ତାରାକାନ୍ତ ପଟ୍ଟନାୟକ)

ଅଷ୍ଟମ ବାର୍ଷିକ ଦିଗଧର ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ସ୍ଥାନୀୟ ଦିଗଧର ମଠ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୬ଟି ଟିମ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ମହାକାଳ ଏକାଦଶକୁ ହରାଇ ମା’ ବାସୁଳି ଏକାଦଶ ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଟିମ୍‌କୁ ୨୧ ହଜାର, ରନର ଅପ ମହାକାଳ ଏକାଦଶକୁ ୧୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାନ ଅଫ ଦି ଫାଇନାଲ ବାପୁନ ପୂର୍ତ୍ତୀ, ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ସପନେଶ୍ୱର ଦେହୁରୀ ମନୋନୀତ ହୋଇଥିଲେ। ଅମ୍ପେୟାର ଭାବେ ରତିରଞ୍ଜନ ଦେହୁରୀ ଓ ତରଣୀସେନ ଦାସ ଖେଳ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ରାଜ୍ୟସ୍ତରରେ ବାରିପଦାର ରେଡ୍ ଗ୍ରୀନ ଫାଉଣ୍ଡେଶନ ସମ୍ମାନିତ

ବାରିପଦା,୨୯।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

କଟକସ୍ଥିତ ଜୟ ଜଗନ୍ନାଥ ବ୍ଲଡ୍ ଡୋନେସନ ଗ୍ରୁପର ୩ୟ ବାର୍ଷିକ ଉତ୍ସବ ପାଳନ ଅବସରରେ ବାରିପଦାର ଅନ୍ୟତମ ସେବା ସଂସ୍ଥା ରେଡ ଗ୍ରୀନ ଫାଉଣ୍ଡେସନକୁ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ସଂସ୍ଥା ତରଫରୁ ପରିଚାଳନା ଅଧ୍ୟକ୍ଷ ଅରବିନ୍ଦ ମୁଖି ଏହି ସମ୍ମାନ ଗ୍ରହଣ କରିଛନ୍ତି। ପ୍ରକାଶଥାଉକି, ଏହି ସଂସ୍ଥାର ସଦସ୍ୟମାନେ ବର୍ଷତମାମ ରକ୍ତଦାନ କରିବା ସହ ରକ୍ତଦାନ ଶିବିର ଆୟୋଜନ କରି ଅନେକ ରୋଗୀଙ୍କ ଜୀବନ ବଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି ବୋଲି ବାରିପଦା ରକ୍ତ ଭଣ୍ଡାର ଅଧିକାରୀ ଡ. ସୌମ୍ୟ ରଞ୍ଜନ ନାୟକ ପ୍ରକାଶ କରିଛନ୍ତି। ଏଥିସହିତ ବିଭିନ୍ନ ସ୍ଥାନରେ ଚାରାରୋପଣ ତଥା ଗରିବଦୁଃଖୀଙ୍କୁ ଖାଦ୍ୟ ଯୋଗାଇଦେବା କାର୍ଯ୍ୟକ୍ରମ ବେଶ ଉଲ୍ଲେଖନୀୟ । ଏହି ସମ୍ମାନ ପାଇବାପରେ ସଦସ୍ୟଗଣ ବେଶ ଆନନ୍ଦିତ ଅଛନ୍ତି ଏବଂ ଭବିଷ୍ୟତରେ ସେମାନେ ଅଧିକ ଉତ୍ସାହର ସହ କାର୍ଯ୍ୟ କରିପାରିବେ ବୋଲି ଫାଉଣ୍ଡେସନର ପ୍ରତିଷ୍ଠାତା ଚିତ୍ତରଞ୍ଜନ ସ୍ୱାଇଁ ପ୍ରକାଶ କରିଛନ୍ତି। ଖବର ପାଇ ସାମାଜିକ କର୍ମୀ ଡ. ନିରୋଜ କୁମାର ପୋଥାଳ, ସୋମନାଥ ସିଂହ, ଡ. ଅକ୍ଷୟ କୁମାର ମହାନ୍ତି, ଭରତ ଚନ୍ଦ୍ର ପାତ୍ର, ଦିଲ୍ଲୀପ କୁମାର ଦୁଙ୍ଗଙ୍କ ସମେତ ଅନେକ ସେବା ଅନୁଷ୍ଠାନ ରେଡ ଗ୍ରୀନ ଫାଉଣ୍ଡେସନକୁ ଅଭିନନ୍ଦନ ଜଣାଇଛନ୍ତି ।




ସଂସ୍ଥା ତରଫରୁ ପରିଚାଳନା ଅଧ୍ୟକ୍ଷ ଅରବିନ୍ଦ ମୁଖି ସମ୍ମାନ ଗ୍ରହଣ କରୁଛନ୍ତି।

# କ୍ରାଇମ ସିନ୍ ରିକ୍ରିଏଶନ କରାଇଲା ପୋଲିସ

## ହଷ୍ଟେଲ ୱାର୍ଡେନଙ୍କୁ ହତ୍ୟା ମାମଲା

### ଅଭିଯୁକ୍ତ ନାବାଳକ ଜୁଭେନାଇଲ କୋର୍ଟରେ ହାଜର

ବୈଶିଙ୍ଗା,୨୯।୩ (ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ କଳମାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୱାର୍ଡେନଙ୍କୁ ବିଭତ୍ସ ହତ୍ୟାକାଣ୍ଡ ଘଟଣାରେ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ରବିବାର କ୍ରାଇମ ସିନ୍ ରିକ୍ରିଏଶନ ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟପକ୍ଷରେ ଏହି ଘଟଣାରେ ଅଭିଯୁକ୍ତମାନଙ୍କୁ ସହଯୋଗ କରିବା ଅଭିଯୋଗରେ ବିଦ୍ୟାଳୟର ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କୁ ମଧ୍ୟ ବାରିପଦା ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଥିବା ଏଏସ୍‌ପି ଅଜୟ ବାରିକ ସୂଚନା ଦେଇଛନ୍ତି। ଅଭିଯୁକ୍ତ ଦ୍ୱୟ ହେଲେ ସନ୍ୟାସୀ ଜେନା ଓରଫ ସୋନୀ(୧୯) ଓ ତାଙ୍କ ଭାଇ ଶୁକଦେବ ଜେନା ଓରଫ ବାପୁନ(୨୧)। ସେମାନଙ୍କ ନିକଟରୁ ୨ଟି ଛୁରି, ଏକ ପ୍ଲାଷ୍ଟିକ ପାଇପ୍, ୨ଟି ମୋବାଇଲ ଫୋନ, ଏକ ବାଇକ,ଏକ ବୁଲେଟ ମୋଟରସାଇକେଲ ଓ ନଗଦ ୨୮୨୩ ଟଙ୍କା ଜବତ କରାଯାଇଥିବା ବୈଶିଙ୍ଗା ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଇଛି।

ସୂଚନାଯୋଗ୍ୟ, ଗତ ୨୧ ତାରିଖ ରାତି ୯ଟା ସମୟରେ ବିଦ୍ୟାଳୟ ହଷ୍ଟେଲର ୱାର୍ଡେନ ସନ୍ୟାସୀ ଦାସ ଓ ପ୍ରଧାନ ଶିକ୍ଷୟିତ୍ରୀ କାଦମ୍ବିନୀ ରାଉତ ବାଇକ୍ ଯୋଗେ ଯାଉଥିବା ବେଳେ ଏକ ଅନ୍ଧାରୁଆ ସ୍ଥାନରେ ହଠାତ୍ ଦୁର୍ବୃତ୍ତମାନେ ଉଭୟଙ୍କୁ ଆକ୍ରମଣ କରି ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟ ଗୁରୁତରଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସନ୍ୟାସୀଙ୍କୁ ମୃତ ଘୋଷଣା କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଛାଡ଼ି ଦିଆଯାଇଥିଲା। ଛୁରି ସାହାଯ୍ୟରେ ମୃତକଙ୍କ ବେକ କାଟି ଦିଆ ଯାଇଥିବା ଜଣା ପଡ଼ିଥିଲା। ଖବରପାଇ ଏଏସ୍‌ପି ଅଜୟ ବାରିକ ଏବଂ ଥାନାଧିକାରୀ ବାରିଣୀ ଦାସଙ୍କ ସହ ସାଇଣ୍ଟିଫିକ ଟିମ୍ ପହଞ୍ଚି ଛାନଭିନ ଆରମ୍ଭ କରିଥିଲେ।

ପୋଲିସ ସୂଚନା ଅନୁଯାୟୀ, ପ୍ରାୟ ବର୍ଷେ ହେଲା ଅଭିଯୁକ୍ତ ଦ୍ୱୟ ବାରମ୍ବାର ସ୍କୁଲ ପରିସରକୁ ଆସି ଛାତ୍ରୀଙ୍କୁ ଚକୋଲେଟ ଦେଇ ସେମାନଙ୍କ ନିକଟତର ହେବାକୁ ଚେଷ୍ଟା କରୁଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସେମାନଙ୍କ ଏଭଳି କାରନାମାକୁ ବିରୋଧ କରିଥିଲେ ଏବଂ ଝଗଡ଼ା ମଧ୍ୟ ହୋଇଥିଲା। ପ୍ରତିଶୋଧାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ଅଭିଯୁକ୍ତମାନେ ସୁଯୋଗ ଅପେକ୍ଷାରେ ଥିଲେ। ତେବେ ଘଟଣା ଘଟାଇବା ପରେ ଅଭିଯୁକ୍ତ ଦୁଇ ଭାଇ ବାଲେଶ୍ୱର ଜିଲାର ଚାନ୍ଦିପୁର ଅଞ୍ଚଳରେ ସେମାନଙ୍କ ସମ୍ପର୍କୀୟଙ୍କ ଘରେ ଆତ୍ମଗୋପନ କରିଥିବା ନେଇ ପୋଲିସକୁ ଗୁପ୍ତ ସୂଚନା ମିଳିଥିଲା। ଶନିବାର ଭୋର ୩ଟା ସମୟରେ ଥାନାଧିକାରୀ ଦାସଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଚଢ଼ାଉ କରି ଉଭୟଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ରବିବାର ଅପରାହ୍ନରେ ଉଭୟଙ୍କ ଡାକ୍ତରୀ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଛି।




ଖବରଦାତା ସମ୍ମିଳନୀରେ ପୋଲିସ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଉଛି।



ମୃତ ସନ୍ୟାସୀ ଦାସ (ଫାଇଲ ଫଟୋ)।

